

ଟିପ୍ପଣୀ

# ଏକକ ୧୪: ଶିକ୍ଷଣ ଓ ଆକଳନ

## ସଂରଚନା


୧୪.୦ ଉପକ୍ରମ

୧୪.୧ ଶିକ୍ଷଣ ଉଦ୍ଦେଶ୍ୟ

୧୪.୨ ଶିକ୍ଷଣ ଓ ଆକଳନ

- ୧୪.୨.୧ ଶିକ୍ଷଣର ଆକଳନ
- ୧୪.୨.୨ ଶିକ୍ଷଣ ପାଇଁ ଆକଳନ
- ୧୪.୨.୩ ଶିକ୍ଷଣ ପରି ଆକଳନ / ଶିକ୍ଷଣ ହେଉଛି ଆକଳନ

୧୪.୩ ଆକଳନ ଯୋଜନାର ପରିକଳ୍ପନା

୧୪.୪ ସାରାଂଶ

୧୪.୫ ନିଜ ଅଗ୍ରଗତିର ଆକଳନ ପାଇଁ ଆଦର୍ଶ ଉତ୍ତର

୧୪.୬ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୧୪.୭ ପାଠାନ୍ତ ପ୍ରଶ୍ନାବଳୀ


## ୧୪.୦ ଉପକ୍ରମ

ଆପଣମାନେ ଏହା ଦେଖିଛନ୍ତି ଯେ, ଏହି ପାଠ୍ୟକ୍ରମର ସମସ୍ତ ଏକକରେ ଶିକ୍ଷଣ ଓ ଶିକ୍ଷଣ କୈନ୍ଦ୍ରିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି । ପିଲାମାନେ କିପରି ଶିଖନ୍ତି ଓ ଅଧିକତମ ଶିକ୍ଷଣକୁ ସହାୟତା କରିବା ପାଇଁ କ'ଣ କ'ଣ ଉପାୟ ସବୁ ରହିଛି ତାହା ଶ୍ରେଣୀ କକ୍ଷ ପ୍ରକ୍ରିୟାର ବିଭିନ୍ନ ଆଲୋଚନାରେ କେନ୍ଦ୍ରିଭୂତ ହୋଇଛି । ଶିକ୍ଷାଦାନ, ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ, ଶ୍ରେଣୀକକ୍ଷ ପରିଚାଳନା, ଆକଳନ ଓ ମୂଲ୍ୟାୟନ ଏବଂ ଶ୍ରେଣୀକକ୍ଷ ପରିଚାଳନା ପ୍ରକ୍ରିୟା ସମ୍ପର୍କିତ ଏହିଭଳି ଅନ୍ୟାନ୍ୟ ସମସ୍ୟା ଶିକ୍ଷାର୍ଥୀର ଶିକ୍ଷଣ ପାଇଁ ସହାୟକ ଉପାଦାନ ରୂପେ ଉପସ୍ଥାପିତ କରାଯାଇଛି ।

ପାରମ୍ପାରିକ ଭାବେ ଆମ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷଣ ଓ ମୂଲ୍ୟାୟନ ପ୍ରକ୍ରିୟା ଏକ ଶ୍ରେଣୀ ମଧ୍ୟରେ ଶିକ୍ଷାର୍ଥୀ ମାନଙ୍କ ଭିତରେ ପ୍ରତିଦ୍ୱନ୍ଦିତାକୁ ଉତ୍ସାହିତ କରେ । ଯେକୌଣସି ଶ୍ରେଣୀ ପରୀକ୍ଷା ଶେଷରେ କିଏ ପ୍ରଥମ, ଦ୍ୱିତୀୟ, ତୃତୀୟ ବା କେତେ ଜଣ ଗ୍ରେଡ୍ କ, ଖ ବା କେତେ ଜଣ ଅତିକମ୍‌ରେ ମୋଟ ନମ୍ବରର ଶତକଡ଼ା



ଟିପ୍ପଣୀ

୩୦ ଭାଗ ରଖିବାକୁ ଅସମର୍ଥ ହେଲେ ଇତ୍ୟାଦି ପ୍ରଶ୍ନର ଉତ୍ତର ଜାଣି ନିଜକୁ ସନ୍ତୁଷ୍ଟ କରିବା ନିମିତ୍ତ ଆମେ ଫଳାଫଳକୁ ବିଶ୍ଳେଷଣ କରିଥାଉ । ତେବେ ଏହ ଭଳି ପ୍ରଶ୍ନଗୁଡ଼ିକ ମାଧ୍ୟମରେ ଆମେ ଶିକ୍ଷାର୍ଥୀ ମାନଙ୍କୁ ସେମାନଙ୍କର ନମ୍ବର ଓ ଗ୍ରେଡ୍ ଦ୍ୱାରା ନିର୍ଦ୍ଧାରଣ କରିଥାଉ ଯାହା ପରୀକ୍ଷଣ ବା ଶିକ୍ଷାର୍ଥୀମାନଙ୍କ ଦକ୍ଷତା ବା ପାରଦର୍ଶିତା ଚିହ୍ନଟ ପାଇଁ ଅନ୍ୟାନ୍ୟ ମୁଲ୍ୟାୟନ ସାଧନୀ ବ୍ୟବହାର ଦ୍ୱାରା ହାସଲ ହୋଇଥାଏ ।

ଫଳାଫଳ ଆଧାରରେ ଶିକ୍ଷାର୍ଥୀ ମାନଙ୍କର ଉପଲବ୍ଧି ବତାଇବାକୁ ପୃଥକ ପୃଥକ ସୂଚନା ଦେବା ପାଇଁ ଆମେ ବେଳେ ବେଳେ ସେମାନଙ୍କୁ ଦଳରେ ଭାଗ କରିଥାଉ । ଉଦାହରଣ ସ୍ୱରୂପ - ପଞ୍ଚମ ଶ୍ରେଣୀର ଗଣିତର ନମ୍ବରକୁ ଆଧାର କରି ତିନୋଟି ଦଳ ଗଠନ କରାଯାଇପାରେ, ୬୦%ରୁ ଅଧିକ ନମ୍ବର ରଖିଥିବା ଶିକ୍ଷାର୍ଥୀଙ୍କୁ ଗୋଟିଏ ଦଳ (ଉଚ୍ଚ ପ୍ରଦର୍ଶନକାରୀ ଦଳ) ୩୦%ରୁ ୫୯% ନମ୍ବର ରଖିଥିବା ଦ୍ୱିତୀୟ ଦଳ(ହାରାହାରି ପ୍ରଦର୍ଶନକାରୀ ଦଳ) ଏବଂ ୩୦% ରୁ କମ୍ ନମ୍ବର ରଖିଥିବା ତୃତୀୟ ଦଳ (ନିମ୍ନ ପ୍ରଦର୍ଶନକାରୀ ଦଳ) । ଉଚ୍ଚ ପ୍ରଦର୍ଶନକାରୀଙ୍କୁ ଗଣିତ ପ୍ରତିଯୋଗିତାରେ ବୃତ୍ତି ଓ ପୁରସ୍କାର ଜିତିବାକୁ ଅତିରିକ୍ତ ଶିକ୍ଷାଦାନ ଦିଆଯାଇଥିବା ବେଳେ ନିମ୍ନ ପ୍ରଦର୍ଶନକାରୀଙ୍କର ୩୦%ରୁ ଅଧିକ ହାସଲ କରିବାକୁ ଅତିରିକ୍ତ ଯତ୍ନ ନିଆଯାଇଥାଏ ଫଳରେ ସେମାନେ ଅସଫଳ ବୋଲି ନାମିତ ହେବେ ନାହିଁ । ଯଦିଓ ଏହି ପ୍ରକାରର ମୁଲ୍ୟାୟନ ଯେକୌଣସି ଶ୍ରେଣୀ ବା ଶିକ୍ଷାର୍ଥୀଙ୍କ ଦଳରେ ପ୍ରତିଦ୍ୱନ୍ଦିତାକୁ ଉତ୍ସାହିତ କରିଥାଏ ତଥାପି ଏହା ନିଶ୍ଚିତ ଭାବେ ଶିକ୍ଷାର୍ଥୀ ମାନଙ୍କ ଭିତରେ ପକ୍ଷପାତିତାକୁ ଚିରସ୍ଥାୟୀ କରିଦିଏ ।

ବିଦ୍ୟାଳୟ ଶିକ୍ଷା ପଦ୍ଧତିରେ ଗୁରୁତ୍ୱପୁର୍ଣ୍ଣ ପରିବର୍ତ୍ତନ ହେବାକୁ ଲାଗିଛି । ଏହା ଶିକ୍ଷାଦାନ ଉପରେ କେନ୍ଦ୍ରିଭୁତ ନ ହୋଇ ବରଂ ଶିକ୍ଷଣକୁ ଅପସାରିତ ହୋଇଛି । ଗୋଟିଏ ଶିକ୍ଷଣ କୈନ୍ଦ୍ରିକ ପଦ୍ଧତିରେ ଏହା ବିଶ୍ୱାସ କରାଯାଏ ଯେ, କୌଣସି ସାଧାରଣ ଶିକ୍ଷାର୍ଥୀ ଏକ ଉଚ୍ଚ ସ୍ତରର ଉପଲବ୍ଧି ହାସଲ କରିପାରିବ ଯଦି ତାକୁ ଶିକ୍ଷଣ ସହାୟକ ଉପାଦାନମାନ ପ୍ରଦାନ କରାଯାଏ । ଏହି ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ପାରମ୍ପରିକ ପ୍ରତିଯୋଗିତା ପରିବର୍ତ୍ତେ ଏଭଳି ବ୍ୟବସ୍ଥା ଅବଲମ୍ବନ କରିବାକୁ ହେବ ଯେଉଁଥିରେ ସଫଳତାର ମାନଦଣ୍ଡ ସୃଷ୍ଟି ହୋଇଥାଏ ଓ ସମସ୍ତ ଶିକ୍ଷାର୍ଥୀ ଏହି ମାନଦଣ୍ଡରେ ପହଞ୍ଚିବା ମଧ୍ୟ ଆଶା କରାଯାଏ ।

ଏହି ମୂଲ୍ୟାୟନରେ ଗ୍ରେଡ୍ ପଦ୍ଧତି ଶିକ୍ଷାର୍ଥୀଙ୍କୁ ଗ୍ରେଡ୍ କରେ ନାହିଁ ବରଂ କାର୍ଯ୍ୟ ସମ୍ପାଦନକୁ ଗ୍ରେଡ୍ କରିଥାଏ । ଗ୍ରେଡ୍ 'A' ଶିକ୍ଷାର୍ଥୀ ନଥାନ୍ତି କିନ୍ତୁ କେବଳ ଗ୍ରେଡ୍ 'A' କାର୍ଯ୍ୟ ସମ୍ପାଦନ ଥାଏ ଓ ଶିକ୍ଷକ ଏଭଳି ଉପାୟରେ ନିଶ୍ଚିତ ପଢାଇବା ଏବଂ ଆକଳନ କରିବା ଆବଶ୍ୟକ ଯାହା ସମସ୍ତ ଶିକ୍ଷାର୍ଥୀଙ୍କୁ ସଫଳତା ନିମିତ୍ତ ଅଭିପ୍ରେରିତ କରିବ । ତେବେ ପରିବର୍ତ୍ତିତ ବିଶ୍ୱାସ ଓ ଶିକ୍ଷଣ ଆକଳନ ପ୍ରକ୍ରିୟା କ'ଣ ?

ଏହି ଏକକରେ ଆପଣଙ୍କୁ କେତେକ ଆକଳନ ସାଧନୀ ଓ ପ୍ରକ୍ରିୟା ସହିତ ପରିଚିତ କରାଯିବ ଯେଉଁ ଗୁଡ଼ିକ ଏବେ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନେ ଯାହା ଆହରଣ କରିଛନ୍ତି କେବଳ ତାହା ଆକଳନ ପାଇଁ ବ୍ୟବହାର ହୋଇନଥାଏ ବରଂ ଶିକ୍ଷଣର ବିକାଶ ପାଇଁ ହୋଇଥାଏ ।

ଏହି ଏକକ ସମାପ୍ତି ନିମିତ୍ତ ଆପଣ ପ୍ରାୟ ୧୦ ଘଣ୍ଟାର ପଠନ ସମୟ ଆବଶ୍ୟକ କରିବେ ।

## ୧୪.୧. ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକଟିକୁ ସମ୍ପୁର୍ଣ୍ଣ କରିବା ପରେ ଆପଣ :

- ଶ୍ରେଣୀରେ ବିଭିନ୍ନ ଶିକ୍ଷଣ ସ୍ତର ସହ ଆକଳନ ପ୍ରକ୍ରିୟାକୁ ସମ୍ପର୍କିତ କରିପାରିବେ ।



ଟିପ୍ପଣୀ

- ଶ୍ରେଣୀରେ ଆକଳନ ସାଧନୀ ଓ ଶିକ୍ଷଣ ସହାୟକ ପ୍ରକ୍ରିୟାର ପ୍ରୟୋଗ କରିପାରିବେ ।
- ଶିକ୍ଷଣର ଉତ୍ସ ରୁପେ ଆକଳନ ଘଟଣା ଗୁଡ଼ିକୁ ବିନିଯୋଗ କରିପାରିବେ ।
- ନିଜ ବିଦ୍ୟାଳୟରେ ଆକଳନ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରିପାରିବେ ।

## ୧୪.୨ ଶିକ୍ଷଣ ଏବଂ ଆକଳନ

ପୂର୍ବ ବିଭାଗରେ ଆମେ ଜାଣିବାକୁ ପାଇଲୁ ଯେ ଗଣିତ ଶିକ୍ଷଣ ଓ ଆକଳନ ଏକ ସଙ୍ଗେ ଚାଲିଛି, ତଥାପି ଏମାନେ ଦୁଇଟି ପୃଥକ ପ୍ରକ୍ରିୟା । ଏହି ସଂଦର୍ଭରେ ଆସନ୍ତୁ ଆମେ ନିମ୍ନରେ ଦଉଥିବା ତିନିଗୋଟି ପରିସ୍ଥିତି ଉପରେ ବିଚାର କରିବା ।

**ପରିସ୍ଥିତି ୧:** ସୋହାନା ନିଜ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଶିକ୍ଷାର୍ଥୀ ମାନଙ୍କୁ ସ୍ୱାଧିନତା ସଂଗ୍ରାମ ପ୍ରସଙ୍ଗ ପଢାଇବା ପାଇଁ ୬ଟି ପିରିୟଡ୍ ନେଲେ । ପ୍ରସଙ୍ଗଟିକୁ ପୁରା ପଢାଇସାରିବା ପରେ ସେ ପ୍ରସଙ୍ଗ ଉପରେ ପ୍ରତ୍ୟେକ ପିଲା ଆହରଣ କରିଥିବା ଜ୍ଞାନ ଓ ବୋଧଗମ୍ୟତା ନିଶ୍ଚିତ କରିବା ପାଇଁ ଏକ ପରୀକ୍ଷଣ କର ।

**ପରିସ୍ଥିତି ୨:** ଚତୁର୍ଥ ଶ୍ରେଣୀର ପିଲାଙ୍କୁ ଭଗ୍ନାଂଶରେ ଯୋଗ ଓ ବିୟୋଗ ବୁଝାଇବାକୁ ସାହାଯ୍ୟ କଲା ସମୟରେ ମିଷ୍ଟର ରୋହନ ଅନୁଧାନ କରି ପାରିଲେ ଯେ ଅଧିକାଂଶ ପିଲା ଦୁଇଟି ଅପ୍ରକୃତ ଭଗ୍ନାଂଶର ଯୋଗକ୍ରିୟା କରିପାରୁନାହାନ୍ତି । ସେ ପ୍ରକୃତ ଭଗ୍ନାଂଶର ଯୋଗ ଉପରେ କେତେକ ପ୍ରଶ୍ନ ନେଇ ଏକ ଛୋଟ ପରୀକ୍ଷା କଲେ(ଦୁଇଟି ସଦୃଶ ଭଗ୍ନାଂଶର  ଯୋଗ ପାଇଁ ୩ଟି ପ୍ରଶ୍ନ, ଓ ୪ ଟି ପ୍ରଶ୍ନ ଅପ୍ରକୃତ ଭଗ୍ନାଂଶର ଯୋଗ ପାଇଁ ଦେଇଥିଲେ) । ସେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପ୍ରତିକ୍ରିୟାକୁ ବିଶ୍ଳେଷଣ କଲେ ଓ ସେଥିରୁ ପାଇଲେ ଯେ ହାରାହାରୀ ୪୫% ଶିକ୍ଷାର୍ଥୀଙ୍କର ପ୍ରକୃତ ତଥା ଅପକୃତ ଭଗ୍ନାଂଶର ଯୋଗ ଉପରେ ସ୍ୱଷ୍ଟତା ନାହିଁ ଯାହାକି ସେମାନଙ୍କର ସଫଳତା, ଦୁଇଟି ଅପ୍ରକୃତ ଭଗ୍ନାଂଶର ଯୋଗ କ୍ରିୟାକୁ ପ୍ରଭାବିତ କରୁଅଛି । ସେଥିପାଇଁ ସେ ଅପ୍ରକୃତ ଭଗ୍ନାଂଶର ଯୋଗକୁ ବୁଝାଇବା ପାଇଁ ଧ୍ୟାନ କେନ୍ଦ୍ରିତ କଲେ ଓ ସେଗୁଡ଼ିକର ପ୍ରକୃତ ଭଗ୍ନାଂଶ ସହିତ ଯୋଗ ପରେ ସେ ଦୁଇଟି ଅପ୍ରକୃତ ଭଗ୍ନାଂଶକୁ ଯୋଗ କରିବାର ଶିକ୍ଷାଦାନ କରିବାକୁ ଆଗେଇଲେ ।

ପରିସ୍ଥିତି ୩ : ମିସ୍ ସୋହା, ଯେ କି ଭାଷା ପଢାଉଥିଲେ, ସେ ନିଜ ସପ୍ତମ ଶ୍ରେଣୀର ଶିକ୍ଷାର୍ଥୀଙ୍କ ସାହାଯ୍ୟରେ ନିଜର ବିଦ୍ୟାଳୟ ତଥା ଅଂଚଳରେ ପାଳିତ ସ୍ୱାଧିନତା ଦିବସ ସମାରୋହ ବିଷୟରେ ଏକ ଛୋଟ ବର୍ଣ୍ଣନା ଲେଖିବାକୁ କହିଲେ । ତାଙ୍କର ଉଦେଶ୍ୟ ଥିଲା ଶିକ୍ଷାର୍ଥୀ ମାନଙ୍କର ଅନୁଚ୍ଛେଦ ପ୍ରସ୍ତୁତ କରିବାର ସାମର୍ଥ୍ୟକୁ ଆକଳନ କରିବା । ଶିକ୍ଷାର୍ଥୀ ମାନେ ସୂଚନା ଗୁଡ଼ିକୁ ସଂଗ୍ରହ କରିବା ପାଇଁ ଯିବା ପୂର୍ବରୁ ସେମାନେ ସୁଚନା ସଂଗ୍ରହର ମାନଦଣ୍ଡ ଓ ପ୍ରକ୍ରିୟା ସଂମ୍ପର୍କରେ ଆଲୋଚନା କଲେ । ସେମାନେ ନିର୍ଣ୍ଣୟ କଲେ ଯେ ଏହି ମାନଦଣ୍ଡ ଗୁଡ଼ିକ ଅନୁଚ୍ଛେଦ ଆକଳନ କରିବାର ମାନଦଣ୍ଡ ରୂପେ କାର୍ଯ୍ୟ କରିବ । ମିସ୍ ସୋହା ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ସେମାନଙ୍କ ପସନ୍ଦ ଅନୁଯାୟୀ ନିଜର ବର୍ଣ୍ଣନାକୁ ରୁପ ଦେବାପାଇଁ ପୁର୍ଣ୍ଣ ସ୍ୱାଧିନତା ଦେଇ ଆକଳନ ମାନଦଣ୍ଡ ସହ ସହମତ କରାଇବାକୁ ସକ୍ଷମ ହୋଇଥିଲେ । ବିଭିନ୍ନ ସ୍ଥାନରେ ଆୟୋଜିତ ସମାରୋହ ଉପରେ ସୂଚନା ସଂଗ୍ରହ କରୁଥିବା ବେଳେ ସେମାନେ ସମାରୋହ ଆୟୋଜନ ପ୍ରକ୍ରିୟାରେ ସମାନତା ଏବଂ ଅସମାନତାକୁ ପର୍ଯ୍ୟବେକ୍ଷଣ କରିପାରିଲେ ।



ଟିପ୍ପଣୀ

ସୂଚନା ସଂଗ୍ରହ ଏବଂ ପରିଚାଳନା କରିବା ବେଳେ ପ୍ରତ୍ୟେକ ସ୍ତରରେ ପ୍ରତ୍ୟେକ ଶିକ୍ଷାର୍ଥୀ ବ୍ୟକ୍ତିଗତ ଭାବେ ମାନଦଣ୍ଡକୁ ସୂଚିତ କରୁଥିଲେ ଓ ସେମାନଙ୍କର ପ୍ରତିକ୍ରିୟାକୁ ଉନ୍ନତ ଓ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଥିଲେ । ବିଭିନ୍ନ ସଂଗଠନ ଦ୍ୱାରା ଏହି ଦିବସ ପାଇଁ ବିକଶିତ ହୋଇଥିବା ପୁସ୍ତିକା ଓ ସେହି ଅଞ୍ଚଳର କେତେକ ସଦସ୍ୟ ଏବଂ ପିଲାମାନଙ୍କ ଠାରୁ ମଧ୍ୟ ସେମାନଙ୍କ ଅନୁଭୂତିକୁ ଏକତ୍ର କଲେ । ବର୍ଣ୍ଣନା ମଧ୍ୟରେ ବା ବର୍ଣ୍ଣନା ଶେଷରେ ସେମାନେ ଏହି ଦିବସ ଓ ଲୋକମାନଙ୍କର ଆଗ୍ରହ ସମ୍ପର୍କରେ ସେମାନଙ୍କର ଭାବନାକୁ ଅନ୍ତର୍ଭୁକ୍ତ କଲେ । ପ୍ରକଳ୍ପ ସମାପ୍ତ କରିବାପରେ ସେମାନେ ମିସ୍ ସୋହାଙ୍କ ସହିତ ଶ୍ରେଣୀରେ ବସିଲେ ଓ ପ୍ରତ୍ୟେକ ବିବରଣୀକୁ ବଡ଼ ପାଟିରେ ପଢିଲେ । ଆକଳନ ପାଇଁ ନିର୍ଦ୍ଧାରିତ ମାନଦଣ୍ଡକୁ ଅନୁସରଣ କରି ପ୍ରତ୍ୟେକ ବର୍ଣ୍ଣନାକୁ ଗ୍ରେଡ୍ ଦେବାପାଇଁ ସେମାନେ ଚେଷ୍ଟା କଲେ । ଆକଳନ ପରେ, ଆକଳନ ଆଧାରିତ ପର୍ଯ୍ୟବେକ୍ଷଣ ଅନୁସାରେ ସେମାନଙ୍କର ବର୍ଣ୍ଣନାକୁ ଉନ୍ନତ କରିବା ପାଇଁ ସେମାନଙ୍କୁ କୁହାଯାଇଥିଲା ।

## ଶିକ୍ଷଣକାର୍ଯ୍ୟ-୧

କିଛି ସମୟ ପାଇଁ ଭାବନ୍ତୁ ଓ ଉପରେ ଦିଆଯାଇଥିବା ୩ଟି ପରିସ୍ଥିତିରେ ଆକଳନ ପ୍ରକ୍ରିୟା ଏବଂ ଉଦ୍ଦେଶ୍ୟ ମଧ୍ୟରେ ଥିବା ସମାନତା ଓ ଅସମାନତାର ସୂଚୀ ତିଆରି କରନ୍ତୁ ।

କ'ଣ ଉପରେ ଦିଆଯାଇଥିବା ୩ଟି ପରିସ୍ଥିତିରେ ଆକଳନ ପ୍ରକ୍ରିୟା ଏବଂ ଉଦ୍ଦେଶ୍ୟରେ କୌଣସି ପାର୍ଥକ୍ୟ ରହିଛି କି ?

ହଁ, ଆମେ ପ୍ରଥମ ପରିସ୍ଥିତି ସହ ସମ୍ପୂର୍ଣ୍ଣ ପରିଚିତ । ଗୋଟିଏ ଏକକ ବା ପ୍ରସଙ୍ଗର ଶିକ୍ଷାଦାନ ଶେଷ ହେବା ପରେ ଆମେ ପ୍ରସଙ୍ଗ ସମ୍ପର୍କିତ ଜ୍ଞାନ ଆହରଣ ଓ ବୋଧଗମ୍ୟତାର ପରିମାଣକୁ ସର୍ବଦା ଜାଣିବାକୁ ଇଚ୍ଛା କରୁ ଓ ପ୍ରତ୍ୟେକଙ୍କର ବ୍ୟକ୍ତିଗତ ଉପଲବ୍ଧିକୁ ଇପ୍‌ସିତ ଉପଲବ୍ଧି ସ୍ତର ସହିତ ତୁଳନା କରୁ । ଅନ୍ୟ ଅର୍ଥରେ ଆମେ ଶିକ୍ଷଣର ଫଳାଫଳକୁ ଆକଳନ କରୁ । ଏହି ପ୍ରକ୍ରିୟାକୁ "ଶିକ୍ଷଣର ଆକଳନ" ବୋଲି କୁହାଯାଏ ଓ ଏହା ପାଠର ଏକକ ପ୍ରସଙ୍ଗ ସମାପ୍ତି ପରେ ସାଧାରଣତଃ କରାଯାଇଥାଏ ।

ଦ୍ୱିତୀୟ ପରିସ୍ଥିତିରେ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ଚାଲୁଥିବା ବେଳେ ମିଷ୍ଟର ରୋହନ ଶିକ୍ଷାର୍ଥୀ ମାନଙ୍କ କାର୍ଯ୍ୟ ସମ୍ପାଦନକୁ ଆକଳନ କରୁଥିଲେ । ଶିକ୍ଷଣ ଓ ନିଜ ଶିକ୍ଷାଦାନ ପ୍ରକ୍ରିୟାର ବିକାଶ ପାଇଁ ସେ ଆକଳନ ଫଳାଫଂଳକୁ ବିନିଯୋଗ କଲେ । ଏହା ଏକ ଗଠନ ମୂଳକ ପ୍ରକାର ଆକଳନ ଯାହା ପୂର୍ବ ଏକକ ଗୁଡ଼ିକରେ ଆଲୋଚିତ ହୋଇଛି ଓ ଏହାକୁ ଶିକ୍ଷଣ ପାଇଁ ଆକଳନ କୁହାଯାଏ । ଶିକ୍ଷଣ ପ୍ରକ୍ରିୟା ସମୟରେ ନିର୍ଦ୍ଧାରିତ ମାନଦଣ୍ଡକୁ ସୂଚିତ କରି ମିସ୍ ସୋହାଙ୍କ ଶିକ୍ଷାର୍ଥୀମାନେ ଆକଳନର ମାନଦଣ୍ଡକୁ ସୁନିଶ୍ଚିତ କଲେ ଯାହା ସେମାନଙ୍କର ଶିକ୍ଷଣ ପ୍ରକ୍ରିୟାକୁ ଉପଯୁକ୍ତ ମାର୍ଗରେ ଧରି ରଖିବା ଓ ବିକଶିତ କରିବା ପାଇଁ ଏବଂ ପରିବର୍ତ୍ତନ କରିବାରେ ସାହାଯ୍ୟ କଲା ।

ସଂକ୍ଷିପ୍ତରେ, ଶିକ୍ଷାର୍ଥୀ ଶିକ୍ଷଣ ପ୍ରକ୍ରିୟାରେ ଆକଳନ ମାନଦଣ୍ଡକୁ ପ୍ରୟୋଗ କରୁଥିଲେ । ଏଥିପାଇଁ ଏହାକୁ "ଶିକ୍ଷଣ ଭଳି ଆକଳନ" ବା ଶିକ୍ଷଣ ହେଉଛି ଆକଳନ କୁହାଯାଏ ।

ଆସନ୍ତୁ ଆମେ ପରବର୍ତ୍ତୀ ଦୁଇଟି ପ୍ରକ୍ରିୟାକୁ ବୁଝିବା ଯାହା ଶିକ୍ଷଣ-କୈନ୍ଦ୍ରିକ ଉପରେ ଆଲୋକପାତ କରେ ।

### ୧୪.୨.୧ ଶିକ୍ଷଣର ଆକଳନ

ଶିକ୍ଷଣର ଆକଳନ ସେହି ପ୍ରକାରର ଆକଳନକୁ ସୂଚିତ କରେ ଯାହା-ମୌଖିକ, କାର୍ଯ୍ୟ ସମ୍ପାଦନ ଓ ଲିଖିତ ବା ଦୁଇଟିର ସଂଯୋଗ ବା ଅଧିକ ପ୍ରକାରର- ଯାହା ଗୋଟିଏ ଶିକ୍ଷଣ ଏକକ ବା ଗୋଟିଏ କାର୍ଯ୍ୟ ସମୟରେ ବା ଏହାପରେ ଘଟିଥାଏ ।

ଏହି ପ୍ରକାରର ଆକଳନକୁ ପ୍ରୟୋଗକରି ଆପଣ ଶିକ୍ଷଣ ସମୟରେ ଶିକ୍ଷାର୍ଥୀମାନେ ହାସଲ କରିଥିବା ଧାରଣା ଓ ଅଭିଜ୍ଞତାକୁ ସଂଶ୍ଲେଷଣ ଓ ପ୍ରଦର୍ଶନ କରିବା ନିମିତ୍ତ ସାମର୍ଥ୍ୟକୁ ଆପଣ ବିଚାର କରିପାରିବେ । ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ବୃଦ୍ଧିକୁ ତଦାରଖ କରିବା ପାଇଁ ଆକଳନ ଫଳାଫଳକୁ ସାର୍ବଜନୀନ ଭାବେ ଗୁରୁତ୍ୱପୂର୍ଣ୍ଣ ସୂଚକଭାବେ ଗ୍ରହଣ କରାଯାଏ ।

ଏଗୁଡ଼ିକ ମଧ୍ୟ ବିଭିନ୍ନ ତୁଳନା ପାଇଁ ବ୍ୟବହାର କରାଯାଏ ଯଥା ବିଭିନ୍ନ ବିଷୟରେ ଶିକ୍ଷାର୍ଥୀ ମାନଙ୍କର କାର୍ଯ୍ୟ ସଂପାଦନ, ଶ୍ରେଣୀରେ ପିଲାମାନଙ୍କ ଭିତରେ ତୁଳନା, ବିଦ୍ୟାଳୟ ଭିତରେ ତୁଳନା ଇତ୍ୟାଦି । ଫଳାଫଳ ମଧ୍ୟ ପରବର୍ତ୍ତୀ କାର୍ଯ୍ୟକାଳ ବର୍ଷ ଓ ପରବର୍ତ୍ତୀ ଶୈକ୍ଷକବର୍ଷ ପାଇଁ ଶୈକ୍ଷିକକାର୍ଯ୍ୟରେ ଯୋଜନା ପ୍ରସ୍ତୁତ କରିବାପାଇଁ ମଧ୍ୟ ବ୍ୟବହୃତ କରାଯାଏ । ଆହୁରି ମଧ୍ୟ ଶିକ୍ଷଣ ଆକଳନରେ ଫଳାଫଳକୁ ନମ୍ବର ବା ଗ୍ରେଡ୍ ମାଧ୍ୟମରେ ପ୍ରକାଶ କରାଯାଏ । ଯାହା ସେହି ବିଦ୍ୟାଳୟ ଶିକ୍ଷଣର ପ୍ରତ୍ୟେକ ଉପଭୋକ୍ତା ପରିଚିତ ହେବେ ଏବଂ ଯାହାକୁ ଆପଣ ମଧ୍ୟ ପୂର୍ବ ଏକକରେ ଶିଖି ସାରିଛନ୍ତି ।

**ସାଧନୀ ଓ କୌଶଳ :** ଶିକ୍ଷଣର ଆକଳନରେ ଆପଣଙ୍କୁ ବହୁବିଧ ସାଧନୀ ଓ କୌଶଳ ବ୍ୟବହାର କରିବାକୁ ହେବ ଯାହା ଆକଳନ କରିବାକୁ ଥିବା କାର୍ଯ୍ୟର ପ୍ରକୃତି ଉପରେ ନିର୍ଭର କରିଥାଏ । ଯେପରିକି ପୂର୍ବ ଅଧ୍ୟାୟରେ କୁହାଯାଇଅଛି ଯେ ଆବଶ୍ୟକ ହେଉଥିବା ସୁଚନାର ପରିମାଣ ଓ ପ୍ରକାର ଉପରେ ନିର୍ଭରକରି ଆପଣଙ୍କୁ ଉଦ୍ଦେଶ୍ୟ ପୂର୍ଣ୍ଣଭାବେ ସାଧନା ଓ କୌଶଳ ସବୁକୁ ବାଛିବାକୁ ପଡ଼ିବ । ଶିକ୍ଷଣର ଆକଳନ ପାଇଁ ବ୍ୟବହୃତ ହେଉଥିବା କେତେକ ସାଧନୀର ଉଦାହରଣ ହେଉଛି : ବିଭିନ୍ନ ପ୍ରକାର ପ୍ରଶ୍ନପତ୍ର ବ୍ୟବହାର କରୁଥିବା ପରୀକ୍ଷଣ, ଘଟଣା ବିବରଣ ଫର୍ଦ୍ଦ (ଯାହାର କାର୍ଯ୍ୟ ବା ଆକଳନ ହେଉଥିବା ପ୍ରକ୍ରିୟା ସହିତ ସମ୍ବନ୍ଧିତ) ରେଟିଂ ସ୍କେଲ୍, ଚେକ୍ ଲିଷ୍ଟ ଇତ୍ୟାଦି । ଏହି ଆକଳନରେ ଅନ୍ତର୍ଭୁକ୍ତ ହେଉଥିବା କୌଶଳ ଗୁଡ଼ିକ ହେଲା - ପର୍ଯ୍ୟବେକ୍ଷଣ, ଶିକ୍ଷାର୍ଥୀମାନଙ୍କ ଉତ୍ତର (ମୌଖିକ ଓ ଲିଖିତ), ଶିକ୍ଷାର୍ଥୀ ମାନଙ୍କ କାର୍ଯ୍ୟର ବିଶ୍ଲେଷଣ, ଶିକ୍ଷାର୍ଥୀ ମାନଙ୍କ ସହ ଆଲୋଚନା ।

ପ୍ରତ୍ୟାଶିତ ଦାୟିତ୍ୱ : ଜଣେ ଶିକ୍ଷକ ଭାବରେ ଆପଣଙ୍କୁ ଅନୁଭବ କରିବାକୁ ପଡ଼ିବ ଯେ ଶିକ୍ଷଣର ଆକଳନ ଓ ଏହାର ପରବର୍ତ୍ତୀ କାର୍ଯ୍ୟର ସମସ୍ତ ଦାୟିତ୍ୱ ଆପଣଙ୍କ ଉପରେ ନ୍ୟସ୍ତ । ଏଠାରେ କେତେକ ଦିଗ ଉପସ୍ଥାପନା କରାଗଲା ଯାହା ଆପଣଙ୍କର ଧ୍ୟାନ ଆବଶ୍ୟକ କରେ :

- ଆକଳନ କାର୍ଯ୍ୟ ବା ଦତ୍ତ କାର୍ଯ୍ୟର ଉଦ୍ଦେଶ୍ୟ ଗୁଡ଼ିକ ସ୍ପଷ୍ଟଭାବେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ବୋଧଗମ୍ୟ ହେଉଛି ବୋଲି ଆପଣଙ୍କୁ ନିଶ୍ଚିତ କରିବାକୁ ହେବ ।
- କାର୍ଯ୍ୟ ବା ଦତ୍ତ କାର୍ଯ୍ୟଗୁଡ଼ିକର ସମାପନ ପାଇଁ ଯୁକ୍ତିଯୁକ୍ତ ସମୟ ସୀମା ଆପଣଙ୍କୁ ନିଶ୍ଚିତ ନିର୍ଦ୍ଧାରଣ କରିବାକୁ ହେବ ।

ଟିପ୍ପଣୀ

- କାର୍ଯ୍ୟ/ଦତ୍ତକାର୍ଯ୍ୟ ସମାପନ କରିବାରେ କେତେକ ଶିକ୍ଷାର୍ଥୀ ସମ୍ମୁଖୀନ ହେଉଥିବା ଆହ୍ୱାନ ଗୁଡ଼ିକ ପ୍ରତି ଆପଣ ସମ୍ବେଦନଶୀଳ ହେବା ଆବଶ୍ୟକ ।
- ଆପଣଙ୍କ ନିଷ୍ପତ୍ତିର ଆଧାର ନିମିତ୍ତ ଆପଣଙ୍କୁ ପର୍ଯ୍ୟାପ୍ତ ପ୍ରମାଣ ସଂଗ୍ରହ କରିବାକୁ ହେବ ।

## ଶିକ୍ଷଣକାର୍ଯ୍ୟ – ୨

ଆପଣ ନିଜର ବିଦ୍ୟାଳୟରେ ଶିକ୍ଷଣର ଆକଳନ ପ୍ରକ୍ରିୟା ସହ ପରିଚିତ ଅଟନ୍ତି । ଶିକ୍ଷାର୍ଥୀ ମାନଙ୍କର ଗୁଣାତ୍ମକ ଶିକ୍ଷଣ ଓ ଉପଲବ୍ଧିର ବିକାଶ ପାଇଁ ଆକଳନକୁ ଅଧିକ ଫଳପ୍ରଦ କରିବା ନିମିତ୍ତ ନେବାକୁ ଥିବା କାର୍ଯ୍ୟଗୁଡ଼ିକର ଏକ ତାଲିକା କରନ୍ତୁ ।

ଆପଣ ଶିକ୍ଷାର୍ଥୀ ମାନଙ୍କୁ ଦେଉଥିବା ନମ୍ବର/ଗ୍ରେଡ୍ ନିମିତ୍ତ ଆପଣଙ୍କ ପାଖରେ ବଳିଷ୍ଠ ଯଥାର୍ଥତା ନିଶ୍ଚିତ ରୂପେ ରହିବା ଆବଶ୍ୟକ ।

## ଶିକ୍ଷଣର ଆକଳନକୁ ଫଳପ୍ରଦ କରିବା :

ଶିକ୍ଷଣର ଆକଳନକୁ ବୈଧ ଓ ନ୍ୟାୟସଙ୍ଗତ କରିବା ନିମିତ୍ତ ଆପଣଙ୍କୁ ନେବାକୁ ଥିବା କେତେକ କଥା ନିମ୍ନରେ ଦିଆ ଯାଇଛି ।

- ଆପଣଙ୍କୁ ପର୍ଯ୍ୟାପ୍ତ ପରିମାଣରେ ପ୍ରମାଣ ଏକତ୍ରିତ କରିବାକୁ ହେବ (ଲିଖିତ, ମୌଖିକ ଓ କାର୍ଯ୍ୟ ସମ୍ପାଦନ) ଫଳରେ ଗୋଟିଏ ଶିକ୍ଷାର୍ଥୀର ଉପଲବ୍ଧିର ସଠିକ ଛବି ପ୍ରଦାନ କରିବା ଆପଣଙ୍କ ପକ୍ଷେ ସମ୍ଭବ ହେବ । ଏହି ଉଦ୍ଦେଶ୍ୟ ପାଇଁ କେବଳ ଲିଖିତ ପରୀକ୍ଷଣ (ବା ପରୀକ୍ଷାର ଫଳାଫଳ)ର ଫଳାଫଳ ଉପରେ ନିର୍ଭର କରିବା ପର୍ଯ୍ୟାପ୍ତ ହେବ ନାହିଁ ।
- ପ୍ରମାଣ ସଂଗ୍ରହ ନିମିତ୍ତ ଆପଣଙ୍କୁ ବିବିଧ ଆକଳନ କୌଶଳ ବ୍ୟବହାର କରିବା ଦରକାର ଫଳରେ ସବୁ ଶିକ୍ଷାର୍ଥୀ ସେମାନଙ୍କର ଶିକ୍ଷଣକୁ ପ୍ରଦର୍ଶନ କରିପାରିବେ । ଯଦି ଆପଣ କେବଳ ଏକ ଲିଖିତ ପରୀକ୍ଷଣର ଆୟୋଜନ କରନ୍ତି ତଥା ଏହାକୁ ଶିକ୍ଷଣର ଆକଳନ ପାଇଁ ପ୍ରମାଣ ରୂପେ ବ୍ୟବହାର କରନ୍ତି ତେବେ ଏହା ଅଧିକତର ସମ୍ଭବପର ଯେ ଅଧିକାଂଶ ଶିକ୍ଷାର୍ଥୀ କେତେକ ଦିଗର ଉତ୍ତର ଦେବାରେ ଅସୁଖକର ଅନୁଭବ କରିପାରନ୍ତି । ତେଣୁ ସେମାନଙ୍କୁ କମ୍ ନମ୍ବର ମିଳିବ  ଯଦି ଓ ସେମାନେ ଅନ୍ୟ କାମଟିକୁ ଉତ୍ତମ ରୂପେ ସମ୍ପାଦିତ କରିପାରିଥାନ୍ତେ ।
- ଗୋଟିଏ ଆକଳନର କାର୍ଯ୍ୟ/ସାଧନୀ ମଧ୍ୟରେ ଶିକ୍ଷାର୍ଥୀମାନଙ୍କ ପାଇଁ ବ୍ୟକ୍ତିଗତ ଆବଶ୍ୟକତାକୁ ସମ୍ମୁଖୀନ ହେବା ନିମିତ୍ତ ପସନ୍ଦ ମାନ ରହିବା ଆବଶ୍ୟକ ।
- ଏପରିକି ନିର୍ଦ୍ଦିଷ୍ଟ ବିଷୟ ଏକକ ଉପରେ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ସମ୍ପର୍କରେ ସେମାନଙ୍କର ଅନେକ ତଥ୍ୟ ଯଦି ଆପଣ ସଂଗ୍ରହ କରନ୍ତି  ତେବେ ଶିକ୍ଷଣ ଆକଳନକୁ ଆପଣ ସବୁଠାରୁ ସୁସଙ୍ଗତ ଓ ସାମ୍ପ୍ରତିକ ତଥ୍ୟ ଆଧାରିତ କରିବାକୁ ପଡ଼ିବ ।



ଟିପ୍ପଣୀ

- କୌଣସି କ୍ଷେତ୍ରରେ ଶିକ୍ଷଣର ଆକଳନ ଆରମ୍ଭ କରିବା ପୂର୍ବରୁ ଆପଣଙ୍କୁ ଏହା ସୁନିଶ୍ଚିତ କରିବାକୁ ହେବ ଯେ ପ୍ରତ୍ୟେକ ପ୍ରସଙ୍ଗ ଶିକ୍ଷାର୍ଥୀଙ୍କୁ ଅଭ୍ୟାସ ସମୟରେ ବିକାଶ ନିମିତ୍ତ ଦିଆଯାଉଥିବା ଉପଯୁକ୍ତ ପ୍ରତିପୁଷ୍ଟି ଅଭ୍ୟାସ ପାଇଁ ପର୍ଯ୍ୟାପ୍ତ ଅଟେ ।

- ବିନା ପକ୍ଷପାତିତାରେ ଶିକ୍ଷାର୍ଥୀମାନଙ୍କ ପ୍ରତିକ୍ରିୟା ଓ କାର୍ଯ୍ୟ ସମ୍ପାଦନକୁ ନମ୍ବର ଓ ଗ୍ରେଡ୍ ଦେବା ସମୟରେ ଆପଣଙ୍କୁ ଅତ୍ୟନ୍ତ ଯତ୍ନ ନେବାକୁ ହେବ । ଆଗରୁ ସୂଚିତ କରାଯାଇଥିବା ଭଳି, ଆପଣଙ୍କୁ ନିଜର ବୃତ୍ତିଭିତ୍ତିକ ବିଚାର ପ୍ରୟୋଗ କରି ନମ୍ବର ବା ଗ୍ରେଡ୍ ଦେବାକୁ ହେବ, ଫଳରେ ଆବଶ୍ୟକ ସମୟରେ ଆପଣ ଏହି ନମ୍ବର/ଗ୍ରେଡ୍‌ର ଯର୍ଥାଥତା ପ୍ରତିପାଦନ କରିପାରିବେ ।

- ଯଦି ଆପଣଙ୍କୁ କିଛି ଶିକ୍ଷାର୍ଥୀଙ୍କ ଫଳାଫଳ ସାମ୍ପ୍ରତିକ ଆକଳନରେ ଅସଂଗତ ଓ ଅସ୍ଥିର ଲାଗିଲା ତେବେ ଯତ୍ନର ସହିତ ଏଗୁଡ଼ିକୁ ସମୀକ୍ଷା କରନ୍ତୁ ଓ ଯଦି ଆବଶ୍ୟକ ପଡ଼େ ତେବେ ଏହିଭଳି ଅସଙ୍ଗତ ଫଳାଫଳର ପ୍ରକୃତ କାରଣ ଜାଣିବାପାଇଁ ଏହି ଶିକ୍ଷାର୍ଥୀଙ୍କ ଘର ତଥା ବିଦ୍ୟାଳୟର ଶିକ୍ଷଣ ପରିସ୍ଥିତିକୁ ଅନୁସନ୍ଧାନ କରନ୍ତୁ ।

---

E1. ନିମ୍ନଲିଖିତ ମଧ୍ୟରୁ କେଉଁଟି "ଶିକ୍ଷଣ ଆକଳନ"ର ଉଦାହରଣ ନୁହେଁ ?

- ବାର୍ଷିକ ପରୀକ୍ଷା
- ଗୃହକାର୍ଯ୍ୟର ଆକଳନ
- ବୃତ୍ତି ପରୀକ୍ଷା

E2. ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଶିକ୍ଷାର୍ଥୀଙ୍କୁ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ କରିବାପାଇଁ ବାର୍ଷିକ ପରୀକ୍ଷାରେ ଦିଆଯାଇଥିବା ନମ୍ବର/ଗ୍ରେଡ୍‌ର ବ୍ୟବହାର କରାଯାଇ ପାରିବକି ?

---

## ୧୪.୨.୨ ଶିକ୍ଷଣ ପାଇଁ ଆକଳନ

ଶିକ୍ଷଣର ଆକଳନ ବାବଦରେ ଭାବନ୍ତୁ ଯେଉଁଥିରେ ଆକଳନର ଫଳାଫଳ ଉପଲବ୍ଧ ହୋଇଥାଏ ଓ ବିଷୟ ଏକକ/ଏକ କାର୍ଯ୍ୟ ସମୟ ଶେଷରେ ବିନିମୟ ହୋଇଥାଏ । ଏକକ ବା କାର୍ଯ୍ୟ ସମୟର ଶେଷରେ ମିଳିଥିବା ପ୍ରତିପୃଷ୍ଟି ଉପରେ କାର୍ଯ୍ୟକରିବା ଅତି ଡ଼େରି ହୋଇଯିବକି ? ଯଦି ଗୋଟିଏ ଶିକ୍ଷାର୍ଥୀ ଠିକ୍ ସମୟରେ ତା'ର ନିଜର କାର୍ଯ୍ୟ ସମ୍ପାଦନା ଉପରେ ପ୍ରତିପୃଷ୍ଟ ପାଏ ଓ ପ୍ରସଙ୍ଗ ଶେଷରେ ପାଇ ନଥାଏ ତେବେ ବୋଧହୁଏ ସେ ତା'ର ଶିକ୍ଷଣର ରାସ୍ତାକୁ ନିର୍ଦ୍ଧାରଣ କରିପାରିବ ଓ ଉନ୍ନତଧରଣର କାର୍ଯ୍ୟ ସମ୍ପାଦନ ପ୍ରଦର୍ଶିତ କରିପାରିବ । ତେଣୁ ଆକଳନ ଫଳପ୍ରଦ ହୋଇଥାଏ ଯେତେବେଳେ ଏହା ନିଦ୍ଦିଷ୍ଟ ଭାବରେ ଶିକ୍ଷାର୍ଥୀ ମାନଙ୍କୁ ସେମାନଙ୍କର ଶିକ୍ଷଣ ବିକାଶ ନିମିତ୍ତ ସାହାଯ୍ୟ କରିବାକୁ ପ୍ରସ୍ତୁତ ହୋଇଥାଏ । ସେଥିପାଇଁ ସମୟଭିତ୍ତିକ ପ୍ରତିପୃଷ୍ଟି କୌଶଳ ସହ ଆକଳନ ଅଧିକ ବାରମ୍ବାରତା ଓ ଅନୌପଚାରିକ ହେବା ଆବଶ୍ୟକ । ଏହି ପ୍ରକାର ଆକଳନକୁ "ଶିକ୍ଷଣ ପାଇଁ ଆକଳନ" ନାମରେ ନାମିତ କରାଯାଏ ।

ଶିକ୍ଷଣ ପାଇଁ ଆକଳନର ମୁଖ୍ୟ ଉଦ୍ଦେଶ୍ୟ ଗୁଡ଼ିକ ହେଲା :

ଟିପ୍ପଣୀ

- ପ୍ରତ୍ୟେକ ଶିକ୍ଷାର୍ଥୀ କିପରି ଜ୍ଞାତ କରୁଛନ୍ତି, ବିକାଶ ନିମିତ୍ତ କଣ କରିବାକୁ ହେବ ଓ ସେଠାରେ କିପରି ପହଞ୍ଚିବାକୁ ହେବ ତାହା ବୁଝିବା ନିମିତ୍ତ ସେମାନଙ୍କୁ ପ୍ରସ୍ତୁତ କରିବା । ନିଜ ଶିକ୍ଷଣରେ ଅଭିପ୍ରେରିତ ହୋଇ ସକ୍ରିୟଶିକ୍ଷାର୍ଥୀ ଭାବେ ଧାରାବାହିକ ବିକାଶ ନିମିତ୍ତ ଶିକ୍ଷାର୍ଥୀ ସହାୟତା ପାଇଥାଏ ।

- ଶିକ୍ଷାର୍ଥୀମାନଙ୍କ ଯୋଗ୍ୟତାକୁ ଉତ୍ତମ ରୂପେ ବିଚାର କରିବା, ଅଗ୍ରଗତିର ଧାରଣା ଓ ନିୟମ ଗୁଡ଼ିକୁ ବୁଝିବା ଏବଂ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ଶିକ୍ଷଣର ବିକାଶ ପାଇଁ ଯୋଜନା କରିବାରେ ସେମାନଙ୍କର ଆକଳନ ଫଳକୁ କିପରି ବିନିଯୋଗ କରିବା ତାହା ଜାଣିବା(ନିର୍ଦ୍ଦିଷ୍ଟ ଭାବେ ଯେଉଁ ମାନେ ସେମାନଙ୍କର ସାମର୍ଥ୍ୟ ପରିପୂରଣ କରିପାରୁନାହାନ୍ତି)ନିମିତ୍ତ ପ୍ରତ୍ୟେକ ଶିକ୍ଷକଙ୍କୁ ପ୍ରସ୍ତୁତ କରିବା ।

- ଶିକ୍ଷାର୍ଥୀମାନଙ୍କର ନିୟମିତ, ଉପଯୋଗୀ, ପରିଚାଳନୀୟ ଓ ସଠିକ୍ ଆକଳନ ନିମିତ୍ତ ଓ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଅଗ୍ରଗତିକୁ ଚିହ୍ନଟ କରିବା ପାଇଁ ଆକଳନର ଫଳାଫଳ ବ୍ୟବହାର ନିମିତ୍ତ ପ୍ରତ୍ୟେକ ବିଦ୍ୟାଳୟରେ ସୁଗଠିତ ଓ ସୁବ୍ୟବସ୍ଥିତ ଆକଳନ ବ୍ୟବସ୍ଥା ରହିବା ।

- ସେମାନଙ୍କର ପିଲାମାନେ କିପରି ଅଗ୍ରଗତି କରୁଛନ୍ତି, ବିକାଶ ନିମିତ୍ତ ସେମାନେ କ'ଣ ଆବଶ୍ୟକ କରନ୍ତି ଓ ସେମାନେ ସେମାନଙ୍କର ପିଲା ଓ ଶିକ୍ଷକ ମାନଙ୍କୁ କିପରି ସହାୟତା କରିପାରିବେ ତାହା ପ୍ରତ୍ୟେକ ପିତାମାତା ଓ ଅଭିଭାବକଙ୍କୁ ଜଣାଇବା ।

- ଶିକ୍ଷଣ ପାଇଁ ଆକଳନର ଦୁଇଟି ସ୍ତର ରହିଛି - ପ୍ରାରମ୍ଭିକ ବା ନିଦାନମୂଳକ ଆକଳନ ଓ ଗଠନମୂଳକ ଆକଳନ ।

- ନିଦାନମୂଳକ ଆକଳନ : ଜଣେ ଶିକ୍ଷାର୍ଥୀ ଗୋଟିଏ ପ୍ରସଙ୍ଗ ବିଷୟରେ କ'ଣ ଜାଣିଛି କ'ଣ ନାହିଁ ତାହା ନିର୍ଦ୍ଧାରଣ କରିବା ନିମିତ୍ତ ଉକ୍ତ ପ୍ରସଙ୍ଗର ଶିକ୍ଷଣ ଆରମ୍ଭ ପୂର୍ବରୁ ନିଦାନମୂଳକ ଆକଳନ କରାଯାଇଥାଏ । ଏହି ପ୍ରକାର ଆକଳନ ଆପଣଙ୍କ ଶିକ୍ଷାର୍ଥୀ ସେମାନଙ୍କ ଶିକ୍ଷଣର କେଉଁଠାରେ ଅଛନ୍ତି ତାହା ଚିହ୍ନଟ କରିବାରେ ଓ ସେମାନଙ୍କ ଶିକ୍ଷଣକୁ ଧାରାବାହିକ ଓ ବିକାଶ କରିବା ନିମିତ୍ତ ଶିକ୍ଷଣସ୍ତର ଅନୁସାରେ ଉପଯୁକ୍ତ କାର୍ଯ୍ୟ ସବୁ ନେବାରେ ସାହାଯ୍ୟ କରିଥାଏ ।

  ଉଦାହରଣ ସ୍ୱରୂପ ଯଦି ଆପଣ ଷଷ୍ଠ ଶ୍ରେଣୀରେ ଭାରତର ବିଭିନ୍ନ ରାଜ୍ୟ ଗୁଡ଼ିକ ବିଷୟରେ ପଢାଇବାକୁ ଯାଉଛନ୍ତି ତେବେ ଆପଣଙ୍କ ଶିକ୍ଷାର୍ଥୀମାନେ ଆଟ୍‌ଲାସ୍ ବ୍ୟବହାର କରିବା ଭଲଭାବେ ଅବଗତ କି ବା ନାହିଁ, ତାହା ଆପଣଙ୍କୁ ଜାଣିବା ଆବଶ୍ୟକ । ଯଦି ଆପଣ ଏହା ଜାଣନ୍ତି ଯେ ଶ୍ରେଣୀ କକ୍ଷରେ ଅଧିକାଂଶ ଶିକ୍ଷାର୍ଥୀଙ୍କୁ ଆଟ୍‌ଲାସର ପ୍ରୟୋଗ କରିବା ଜଣାଥାଏ, ତେବେ ଆପଣ ସେମାନଙ୍କୁ ଏହି କାର୍ଯ୍ୟରେ ଲଗାଇ ଏକ ଛୋଟ ଦଳରେ ଆଟ୍‌ଲାସ୍ କିପରି ବ୍ୟବହାର କରାଯାଏ ଉପରେ ଆପଣ କାମ କରିପାରିବେ ଯେଉଁମାନେ ଏହି କାର୍ଯ୍ୟସହ ଅବଗତ ନୁହନ୍ତି ।

- ଗଠନମୂଳକ ଆକଳନ : ଗଠନମୂଳକ ଆକଳନ ଏକ ଆକଳନ ଯାହା ମାଧ୍ୟମରେ ଶିକ୍ଷଣ ପ୍ରକ୍ରିୟା ମଧ୍ୟରେ ଆପଣ ତଥ୍ୟ ଏକତ୍ର କରିପାରିବେ । ଏହାଦ୍ୱାରା ଶ୍ରେଣୀ କାର୍ଯ୍ୟ ଚାଲୁଥିବା



ଟିପ୍ପଣୀ

ବେଳେ ଏକ ଏକକ ଅଧ୍ୟୟନ ମାଧ୍ୟମରେ ଜଣେ ଶିକ୍ଷାର୍ଥୀର ଜ୍ଞାନ ଓ ଦକ୍ଷତା ସହିତ ଶିକ୍ଷଣ ଶୂନ୍ୟତାକୁ ନିର୍ଦ୍ଧାରଣ କରିପାରିବେ । ଗଠନମୂଳକ ଆକଳନର ଫଳାଫଳକୁ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣର ମାର୍ଗଦର୍ଶନ ନିମିତ୍ତ ଆପଣ ବ୍ୟବହାର କରିପାରିବେ ଓ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ଆବଶ୍ୟକତା ଅନୁସାରେ ଆପଣଙ୍କ ଶିକ୍ଷାଦାନ କୌଶଳରେ ଆପଣ ସମୟୋଚିତ ପରିବର୍ତ୍ତନ କରିପାରିବେ । ଆଟ୍‌ଲାସ୍ ବ୍ୟବହାରର ଉଦାହରଣକୁ ବିଚାରକୁ ନେଇ ଆଟ୍‌ଲାସ୍ ବ୍ୟବହାର ସାରିଥିବା ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟ ସମ୍ପର୍କରେ ଆପଣ ପ୍ରତିପୃଷ୍ଟ କରିପାରିବେ ଓ ସେମାନଙ୍କ ଶିକ୍ଷଣର ସମଯୋଜନ, ପୁନଃଚିନ୍ତନ ଓ ସ୍ୱଷ୍ଟ ପ୍ରତିପାଦନ ପାଇଁ ପ୍ରଦାନ କରିପାରିବେ ।

- ଗଠନମୂଳକ ଆକଳନ ମାଧ୍ୟମରେ ଯଦି ଆପଣ ପାଆନ୍ତି ଯେ ପଢାଯାଇଥିବା ଧାରଣାଟିକୁ ଅଧିକାଂଶ ଶିକ୍ଷାର୍ଥୀ ବୁଝି ନାହାନ୍ତି ତେବେ ପରବର୍ତ୍ତୀ ପାଠକୁ ଯିବା ପୂର୍ବରୁ ସେହି ଧାରଣା/କୌଶଳକୁ ଶିକ୍ଷାଦାନ କରିବା ନିମିତ୍ତ ଆପଣଙ୍କୁ ବିଭିନ୍ନ/ବିକଳ୍ପ ପଦ୍ଧତି ଗୁଡ଼ିକୁ ବ୍ୟବହାର କରିବା ଦରକାର ।

**ଶିକ୍ଷଣ ପାଇଁ ଆକଳନର ନିମ୍ନ ବୈଶିଷ୍ଟ୍ୟ ସବୁ ରହିଛି**

- ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ସାମର୍ଥ୍ୟ କ୍ଷେତ୍ର ଓ ଆବଶ୍ୟକତା ଚିହ୍ନଟ ପୂର୍ବକ ଏହା ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପ୍ରତି ପ୍ରତିକ୍ରିୟାଶୀଳ ହୋଇଥାଏ ।
- ଏହା ବର୍ଣ୍ଣନାତ୍ମକ ପ୍ରକୃତିର ଓ ବିଚାର ସମ୍ବନ୍ଧୀୟ ନୁହେଁ । ତେଣୁ ଏହା ମୂଲ୍ୟ ନିର୍ଦ୍ଧାରକ ନୁହେଁ ।
- ଅତିଗୁଣାତ୍ମକ ପ୍ରତିପୃଷ୍ଟି ବ୍ୟବହାର ମାଧ୍ୟମରେ ଶିକ୍ଷାର୍ଥୀମାନେ କ'ଣ ଭଲ କରିଛନ୍ତି, କେଉଁଠାରେ ସେମାନଙ୍କର ଅସୁବିଧା ଥିଲା ଓ ସେମାନେ ସେମାନଙ୍କର କାର୍ଯ୍ୟର ବିକାଶ ନିମିତ୍ତ ଅନ୍ୟଭାବରେ କ'ଣ କରିବାର ଥିଲା ଆଦି ଏହା ସୁଚିତ କରିଥାଏ ।
- ଚାଲୁରହିଥିବା ଶିକ୍ଷଣ ପ୍ରକ୍ରିୟାର ବିକାଶ ନିମିତ୍ତ ଓ ଶିକ୍ଷାର୍ଥୀକୁ ପ୍ରତିପୃଷ୍ଟି ପ୍ରଦାନ କରିବାକୁ ପଡୁଥିବାରୁ ଶିକ୍ଷଣ ପ୍ରକ୍ରିୟାରେ ଆକଳନ ବାରମ୍ବାର ଓ ଧାରାବାହିକ ହୋଇଥାଏ ।
- ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ କାର୍ଯ୍ୟ ଓ ଶିକ୍ଷଣ ଉପରେ ପ୍ରତିଫଳନ କରିବାକୁ ଏହା କାରଣ ଯୋଗାଏ ଓ ଏଗୁଡ଼ିକର ବିକାଶ ନିମିତ୍ତ ନିର୍ଦ୍ଦିଷ୍ଟ କାର୍ଯ୍ୟ ନେଇଥାଏ ।
- ଶିକ୍ଷାର୍ଥୀମାନେ ତ୍ରୁଟି କରିବା ଏହା ଆଶା କରିଥାଏ ଓ ସେମାନଙ୍କର ଶିକ୍ଷଣର ବିକାଶ ନିମିତ୍ତ ତ୍ରୁଟି ଗୁଡ଼ିକୁ ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ କରିଥାଏ ।
- ନିଜକୁ ଗଠନ କରିବାରେ ଏହା ଶିକ୍ଷାର୍ଥୀମାନଙ୍କୁ ନିୟୋଜିତ କରିଥାଏ ଓ ସେମାନଙ୍କର କାର୍ଯ୍ୟରେ ସହପାଠୀ ପରୀକ୍ଷା କରିଥାଏ ।

ଏହାର ଯୋଜନା ଓ ବ୍ୟବହାର ଏପରି ଉପାୟରେ ହୋଇଥାଏ ଯାହା ଶିକ୍ଷାର୍ଥୀମାନଙ୍କ ଶିକ୍ଷଣକୁ ଧରିରଖିବାରେ ସହାୟତା ପ୍ରଦାନ କରେ । ଫଳରେ ସେମାନେ ଶିକ୍ଷଣର ଆକଳନରେ ଶେଷରେ ଉନ୍ନତମାନର କାର୍ଯ୍ୟ ସଂପାଦନ ପ୍ରଦର୍ଶନ କରିପାରିବେ ଯାହା ଗ୍ରେଡ୍ ଓ ବିବରଣୀ ପ୍ରଦାନରେ ବ୍ୟବହାର ହୋଇପାରିବ ।



ଟିପ୍ପଣୀ

ବ୍ରିଟେନର ଆକଳନ ସଂସ୍କାର ଦଳ (୧୯୯୯) (UK Assessment Reform Group 1999) ଦ୍ୱାରା ଚିହ୍ନଟ୍ କରାଯାଇଥିବ ଶିକ୍ଷଣ ପାଇଁ ଆକଳନର ୫ଟି ବଡ଼ ନିୟମ ନିମ୍ନରେ ସୂଚିତ କରାଗଲା

୧. ଶିକ୍ଷାର୍ଥୀଙ୍କୁ ପ୍ରଭାବଶାଳୀ ପ୍ରତିପୃଷ୍ଟି ପ୍ରଦାନ ବ୍ୟବସ୍ଥା

୨. ନିଜ ଶିକ୍ଷଣରେ ଶିକ୍ଷାର୍ଥୀମାନେ ସକ୍ରିୟ ଅଂଶ ଗ୍ରହଣ

୩. ଆକଳନର ଫଳାଫଳକୁ ବିଚାର କରିବା ନିମିତ୍ତ ଶିକ୍ଷାଦାନକୁ ସମଯୋଜନ କରିବା

୪. ଶିକ୍ଷାର୍ଥୀଙ୍କ ଆତ୍ମସମ୍ମାନ ଓ ଅଭିପ୍ରେରଣ ଉପରେ ଆକଳନର ଗଭୀର ପ୍ରଭାବକୁ ଚିହ୍ନିବା ଯେଉଁ ଦୁଇଟିର ଶିକ୍ଷଣ ଉପରେ ଖୁବ୍ ମହତ୍ୱପୂର୍ଣ୍ଣ ପ୍ରଭାବ ରହିଛି ।

୫. ଶିକ୍ଷାର୍ଥୀମାନେ ନିଜର ଆବଶ୍ୟକତାକୁ ଆକଳନ କରିବା ଓ କିପରି ବିକାଶ କରିବେ ତାହା ବୁଝିବାରେ ସମର୍ଥ ହେବା ।

## ଶିକ୍ଷଣ ପାଇଁ ଆକଳନର ପଦ୍ଧତି ଓ ପନ୍ଥା :

ଗୋଟିଏ ଶ୍ରେଣୀ ପରିସ୍ଥିତିରେ ସବୁ ଶିକ୍ଷାର୍ଥୀଙ୍କ ଶିକ୍ଷଣ ପାଇଁ ଆକଳନର କୌଶଳମାନ ନିର୍ଦ୍ଧାରଣ କରିବା ସମୟରେ ଏହା ବିଚାର କରିବା ଆବଶ୍ୟକ ଯେ ଗ୍ରହଣ କରାଯାଇଥିବା ପଦ୍ଧତିଗୁଡ଼ିକ ସବୁ ଶିକ୍ଷାର୍ଥୀଙ୍କ ପ୍ରଗତିର ଆକଳନ କରିବାରେ ଶିକ୍ଷାର୍ଥୀମାନଙ୍କୁ ଗଠନମୂଳକ ପ୍ରତିପୃଷ୍ଟି ପ୍ରଦାନ କରିବାରେ ଓ ଆପଣଙ୍କ ଶିକ୍ଷାଦାନ ଉପରେ ପ୍ରତିପୁଷ୍ଟି ପାଇବାରେ ଏବଂ ଏହା ଆପଣଙ୍କୁ ସହାୟତା କରିବାରେ କେତେ ଦୂର ସମର୍ଥ ହୋଇପାରିଛି । ଏଗୁଡ଼ିକୁ ପରିଚାଳନା କରିବା ପାଇଁ ମୁଖ୍ୟତଃ ଚାରୋଟି ପନ୍ଥା ରହିଛି ।

- ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ଆକଳନ (ଲିଖିତ କିମ୍ବା ମୌଖିକ ପରୀକ୍ଷଣ, ଶିକ୍ଷାର୍ଥୀଙ୍କ ସହ କ୍ରିୟା ପ୍ରତିକ୍ରିୟା ଆକଳନ, ଶିକ୍ଷାର୍ଥୀଙ୍କ କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷଣ ଇତ୍ୟାଦି ଭଳି କେତେକ ବ୍ୟାପକ ପରିସର ଭୁକ୍ତ ପଦ୍ଧତିର ବ୍ୟବହାର କରିବା)
- ଶିକ୍ଷାର୍ଥୀଙ୍କ ସ୍ୱ-ଆକଳନ (କାର୍ଯ୍ୟ ସଂପାଦନ ଓ ଅନ୍ୟମାନଙ୍କ ବିଚାର ଉପରେ ନିଜସ୍ୱ ପ୍ରତିଫଳନ)
- ସହପାଠୀଙ୍କ ଆକଳନ (ଶିକ୍ଷାର୍ଥୀଙ୍କ ପ୍ରତିକ୍ରିୟା ଏବଂ କାର୍ଯ୍ୟ ସମ୍ପାଦନ ଉପରେ ସହପାଠୀଙ୍କ ଆକଳନ)
- କମ୍ପ୍ୟୁଟରଭିତ୍ତିକ ଆକଳନ (ସ୍ୱତନ୍ତ୍ର ଭାବରେ ତିଆରି ସଫ୍ଟୱେୟାର (ଛୋଟ କଥାକାର କରିବା) (Software) ର ବ୍ୟବହାର କରିବା)

## ଶିକ୍ଷଣ ପାଇଁ ଆକଳନର ଯୋଜନା :

ଶିକ୍ଷଣ ପାଇଁ ଆକଳନ ଯୋଜନା ଶ୍ରେଣୀ ଶିକ୍ଷାଦାନ ଶିକ୍ଷଣ ପାଇଁ ତିଆରି କରାଯାଇଥିବା ଯୋଜନାର ଏକ ଅଂଶ ବିଶେଷ ହେବା ଆବଶ୍ୟକ । କାରଣ ଏହି ପ୍ରକାର ଆକଳନ ଶ୍ରେଣୀ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ସମକାଳୀନ ଅଂଶ ବିଶେଷ ଅଟେ । ଶିକ୍ଷଣ ପାଇଁ ଏକ ଫଳପ୍ରଦ ଆକଳନ ନିମିତ୍ତ ଆପଣଙ୍କୁ ଶ୍ରେଣୀ ଶିକ୍ଷଣ ଶିକ୍ଷାଦାନ କାର୍ଯ୍ୟଗୁଡ଼ିକ ପ୍ରସ୍ତୁତ କରିବା ସମୟରେ ନିମ୍ନଲିଖିତ ଦିଗଗୁଡ଼ିକ ପ୍ରତି ଯତ୍ନ ନେବାକୁ ପଡ଼ିବ ।

ଟିପ୍ପଣୀ

- ଶ୍ରେଣୀରେ ପରିଚାଳିତ ହେବାକୁ ଥିବା ଧାରଣା/ ଏକକ / ପ୍ରସଙ୍ଗଗୁଡ଼ିକର ଶୈକ୍ଷିକ ଫଳାଫଳ ନିମିତ୍ତ ଉପଯୁକ୍ତ ଆକଳନର ଉଦ୍ଦେଶ୍ୟକୁ ବିନିର୍ଦ୍ଦିଷ୍ଟ କରିବା ।
- ଶିକ୍ଷଣ ପାଇଁ ଫଳପ୍ରଦ ଆକଳନ ସଂଗଠିତ ହେଉଥିବା ସମୟରେ ଶ୍ରେଣୀର ଚାରି ପଟେ ପ୍ରଦର୍ଶିତ ହୋଇଥିବ ।
  - ଶବ୍ଦ, ଚିତ୍ର ରେଖାଚିତ୍ର ତଥା ଶିକ୍ଷାର୍ଥୀଙ୍କ କାର୍ଯ୍ୟର ନମୂନା ଶ୍ରେଣୀର ଏକ ସ୍ପଷ୍ଟ ଚିତ୍ର ନିମ୍ନୋକ୍ତ ପ୍ରକାରରେ ହେବା ଆବଶ୍ୟକ ।
  - ଶିକ୍ଷାର୍ଥୀମାନେ ସେମାନଙ୍କର ସହପାଠୀ ବା ଶିକ୍ଷକଙ୍କ ସହିତ ନିଜ କାର୍ଯ୍ୟର ସହଭାଗୀ ଆକଳନରେ ସଂପୃକ୍ତ ହୋଇଥିବେ ।
  - ଶିକ୍ଷକ ତଥା ଅନ୍ୟ ଶିକ୍ଷାର୍ଥୀଙ୍କ ଠାରୁ ମିଳୁଥିବା ପ୍ରତିପୁଷ୍ଟି ସଂଗଠିତ ହେଉଥିବ ।
  - ଶିକ୍ଷକ ଓ ଶିକ୍ଷାର୍ଥୀମାନେ ନିଜର କାର୍ଯ୍ୟକୁ ଆକଳନ କରୁଥିବା ବେଳେ ଶିକ୍ଷାର୍ଥୀ ପ୍ରିୟ ଭାଷା ବ୍ୟବହାର କରୁଥିବେ ।
- ଆକଳନ ବିଧିରେ ପର୍ଯ୍ୟାପ୍ତ ନମନୀୟତା ରହିବା ଦରକାର । ଯଦି ଆପଣଙ୍କ ଦ୍ୱାରା ବ୍ୟବହାର କରାଯାଇଥିବା ପଦ୍ଧତି ବାସ୍ତବ ପରିସ୍ଥିତିରେ କାର୍ଯ୍ୟ ନକରେ ତେବେ ବ୍ୟବହାର ନିମିତ୍ତ ବିକଳ୍ପ ପଦ୍ଧତିମାନ ସର୍ବଦା ପ୍ରସ୍ତୁତ ହୋଇ ରହିଥିବା ଆବଶ୍ୟକ ।
- ଗୋଟିଏ ଜାଣିବା – ଇଚ୍ଛା କରିବା – ଶିଖିବା ଚାର୍ଟ ପ୍ରସ୍ତୁତ କରି, ଏହା ଅନୈପଚାରିକ ହୋଇପାରେ, ସର୍ବଦା ନିଦାନମୂଳକ ଆକଳନରୁ ଆରମ୍ଭ କରନ୍ତୁ । ସାଧାରଣତଃ ଏହି ଚାର୍ଟ ତିନୋଟି ଶୀର୍ଷକ ଆଧାରରେ ପରିଚାଳିତ ହୋଇଥାଏ । ଯଥା ଯାହା ଆମେ ଜାଣି ସାରିଛେ, ଆମେ ଯାହା ଶିଖିବାକୁ ଚାହୁଁଛେ ଓ ଆମେ ଯାହା ଶିଖିଛେ ।
- ଶ୍ରେଣୀରେ ଆପଣ ତଥା ଅନ୍ୟ ଶିକ୍ଷାର୍ଥୀଙ୍କ ଦ୍ୱାରା ସମୟୋଚିତ ପ୍ରତିପୁଷ୍ଟି ପାଇଁ ବ୍ୟବସ୍ଥା କରନ୍ତୁ ଓ ପ୍ରତିପୁଷ୍ଟିରେ ପ୍ରସ୍ତାବିତ ସୂଚକ ଗୁଡିକୁ ଅନୁସରଣ କରି ଶିକ୍ଷାର୍ଥୀମାନଙ୍କ ଭିତରେ ବିକାଶକୁ ନିଶ୍ଚିନ୍ତ କରନ୍ତୁ । ପ୍ରତିପୁଷ୍ଟ କିପରି ପ୍ରଦାନ କରିବେ ଓ କିପରି ଗ୍ରହଣ କରିବେ ସେ ସଂପର୍କିତ ସହାୟକ ସୂଚନା ଶିକ୍ଷାର୍ଥୀମାନଙ୍କୁ ଦିଅନ୍ତୁ ।
- ଆକଳନର ଧାରାବାହିକତା ଓ ଶିକ୍ଷଣପ୍ରଗତିର ତଦାରଖ ଯାହା ଆପଣଙ୍କ ପାଇଁ କାର୍ଯ୍ୟକରେ ଏହାକୁ ବଜାୟ ରଖିବା ପାଇଁ ଏକ ଚିହ୍ନିଟ ବ୍ୟବସ୍ଥା କରନ୍ତୁ ।

**ଶିକ୍ଷଣ ପାଇଁ ଆକଳନରେ ପ୍ରତିପୁଷ୍ଟ**

ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କୁ ଶୈକ୍ଷିକ ଉଦ୍ଦେଶ୍ୟ ଗୁଡିକର ଉପଲବ୍ଧି ସଂପର୍କିତ ଅଗ୍ରଗତି ବିଷୟରେ ପ୍ରତିପୁଷ୍ଟି ପ୍ରଦାନ କରିବା ଶିକ୍ଷଣ ପାଇଁ ଆକଳନର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ପରବର୍ତ୍ତୀ ଶୈକ୍ଷିକ ସୂଚନାର ପୁନରାବୃତ୍ତି ଓ ବିକାଶ ନିମିତ୍ତ ଏହି ପ୍ରତିପୁଷ୍ଟିର ବ୍ୟବହାର ହେବା ଉଚିତ୍ । ନିମ୍ନୋକ୍ତ ଚିତ୍ର ୧୪.୧ରୁ ଶିକ୍ଷଣ ପାଇଁ ଆକଳନରେ ପ୍ରତିପୁଷ୍ଟିର ଭୂମିକାକୁ ଆପଣ ମାନସପଟରେ ରୂପାୟନ କରିପାରିବେ ।

ଟିପ୍ପଣୀ




ଚିତ୍ର.୧୪.୧ ଶିକ୍ଷଣ ପାଇଁ ଆକଳନରେ ପ୍ରତିପୁଷ୍ଟି

**ଗଠନମୂଳକ ପ୍ରତିପୁଷ୍ଟି ଦେବା** ମୌଖିକ ଏବଂ ଲିଖିତ ଶିକ୍ଷଣ ପାଇଁ ଆକଳନର ଏକ ମହତ୍ୱପୂର୍ଣ୍ଣ ଦିଗ ଆପଣ ଗୋଟିଏ ପରିସ୍ଥିତିର ପରିସରରେ ଏକ ଅଧିକ ଔପଚାରିକ ଯୋଜନାବଦ୍ଧ ପରୀକ୍ଷଣ ଓ ଦତ୍ତ କାର୍ଯ୍ୟର ତତ୍‌କ୍ଷଣତା ବା ଅନୌପଚାରିକ ଉତ୍ତର ଦେଇ ଆପଣ ପ୍ରତିପୁଷ୍ଟି ପ୍ରଦାନ କରିପାରିବେ । ଶିକ୍ଷାର୍ଥୀଙ୍କୁ ପ୍ରତିପୁଷ୍ଟି ପ୍ରଦାନ କରିବା ସମୟରେ ନିମ୍ନୋକ୍ତ ଦିଗଗୁଡିକର ଯତ୍ନନେବା ଆବଶ୍ୟକ ।

## ଲିଖିତ ପ୍ରତିପୁଷ୍ଟି ଦେବା ସମୟରେ :

- ପ୍ରଥମେ ବିଷୟବସ୍ତୁ ଓ ବାର୍ତ୍ତାଟି ପ୍ରତି ଲିଖିତ ଭାବେ ପ୍ରତିକ୍ରିୟାଶୀଳ ହୁଅନ୍ତୁ । କେବଳ ବାହ୍ୟ ତ୍ରୁଟି ଯଥା ବନାନ ବା ଉଚ୍ଚାରଣ ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତୁ ।
- ତ୍ରୁଟି ଉପରକୁ ସିଧା ସଳଖ ଡେଇଁ ପଡନ୍ତୁ ନାହିଁ, ପ୍ରଥମେ ପ୍ରଶଂସା କରନ୍ତୁ ।
- ଯଦି ଲେଖାଟି ଦୁର୍ବଳ ଅଟେ, ତେବେ ଧ୍ୟାନ ଆକର୍ଷଣ କରିବା ନିମିତ୍ତ ଗୋଟିଏ ବା ଦୁଇଟି କ୍ଷେତ୍ର ବାଛନ୍ତୁ । ପୂରା କାର୍ଯ୍ୟଟିକୁ ଲାଲ-କାଳିରେ ଠିକ୍ ବା ଭୁଲ୍ ଚିହ୍ନରେ ଘୋଡାଇ ଦିଅନ୍ତୁ ନାହିଁ ।
- ସୂଚିତ ହୋଇଥିବା ବା ଦୁର୍ବଳତା ବା ତ୍ରୁଟିଗୁଡିକ ପ୍ରତି ଶିକ୍ଷାର୍ଥୀମାନେ କଣ ପ୍ରତିକରାତ୍ମକ କାର୍ଯ୍ୟ କରିବା ଉଚିତ୍ ତାହା ନିର୍ଦ୍ଦିଷ୍ଟ ଭାବେ ସୂଚିତ କରନ୍ତୁ ।
- ସଂଶୋଧନ ନିମିତ୍ତ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରନ୍ତୁ । ସରଳ ଭାବରେ ଠିକ୍ ଉତ୍ତର, ବନାନ ଆଦିକୁ ଲେଖନ୍ତୁ ନାହିଁ ।

ଟିପ୍ପଣୀ

## ବାଚନିକ ପ୍ରତିପୁଷ୍ଟି ଦେବା ସମୟରେ:

- ସକରାତ୍ମକ ଦିଗ ଉପରେ ଗୁରୁତ୍ୱ ଦିଅନ୍ତୁ । ଶିକ୍ଷାର୍ଥୀଟି ଯାହା ଭଲ କରିଛି ତା ଉପରେ ସର୍ବଦା ନିର୍ଦ୍ଦିଷ୍ଟ ପ୍ରତିପୁଷ୍ଟି ଦିଅନ୍ତୁ ।
- ଉପଲବ୍ଧିକୁ ପାଳନ କରନ୍ତୁ ଓ ପରବର୍ତ୍ତି ବିକାଶ ପାଇଁ କ'ଣ ସଠିକ୍ ଦରକାର ଓ କିପରି ଏହାର ଖୁସି ମନାଇ ପାରିବେ ତଥା କିପରି ସଂଶୋଧନ ହେବ ସେ ସଂପର୍କରେ ସ୍ପଷ୍ଟ ହୁଅନ୍ତୁ ।
- ଶିକ୍ଷାର୍ଥୀଙ୍କର ମତାମତ ନିଅନ୍ତୁ ଓ ସେମାନଙ୍କ ଅବଦାନର ମୂଲ୍ୟ ନିର୍ଦ୍ଧାରଣ କରନ୍ତୁ । ଏହା ସେମାନଙ୍କୁ ନିଜ କାର୍ଯ୍ୟର ଆକଳନର ଉତ୍ତମ ଅନୁଭବ ନିମିତ୍ତ ସାହାଯ୍ୟ କରିବ ଯାହା ସ୍ୱାଧୀନ ଶିକ୍ଷାର୍ଥୀ ହେବାରେ ସେମାନଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ।
- ଆପଣ ଯାହା ଭଲକଲେ ତାହା ଉପରେ ମନ୍ତବ୍ୟ ଦେବା ପାଇଁ ଶିକ୍ଷାର୍ଥୀ ମାନଙ୍କୁ ଆମନ୍ତ୍ରଣ କରନ୍ତୁ । ପ୍ରତିପୁଷ୍ଟ ଗୋଟିଏ ଏକ ପାଖିଆ ପ୍ରକ୍ରିୟା ନୁହେଁ ।
- ପ୍ରଶ୍ନଗୁଡ଼ିକୁ ଯତ୍ନଶୀଳ ଭାବେ ପ୍ରସ୍ତୁତ କରନ୍ତୁ । ମୁକ୍ତ ଉତ୍ତରମୂଳକ ପ୍ରଶ୍ନସବୁ ବ୍ୟବହାର କରନ୍ତୁ ଓ ଏକ ସମୟରେ ଏକାଧିକ ପ୍ରଶ୍ନ ପଚରାଯିବାରୁ ବିରତ ରୁହନ୍ତୁ ।
- ସେହି ବିଷୟରେ ଆପଣ ଅଧିକ କରିବାକୁ ଚାହୁଁଛନ୍ତି କି ? ଏହି ଭଳି ସହାୟକ ଉପରେ ଆଉ କିଛି ଅଧିକ ସୂଚନା ବ୍ୟବହାର କରନ୍ତୁ ।
- ଶିକ୍ଷାର୍ଥୀମାନେ ଯାହା କହିଛନ୍ତି ତାହା ଯତ୍ନର ସହ ବିଚାର ଓ ବିସ୍ତାର ନିମିତ୍ତ ସେମାନଙ୍କୁ ଉତ୍ସାହିତ କରିବାକୁ ଗୋଟିଏ ପ୍ରଶ୍ନ ପଚାରିବା ଓ ଉତ୍ତର ପାଇବା ପରେ ଅଳ୍ପ କେତେକ ସେକେଣ୍ଡ ପାଇଁ ବିରତି ନିଅନ୍ତୁ ।
- "ଅସଂଖ୍ୟ ତ୍ରୁଟି ରହିଛି" ଏହିଭଳି ସାଧାରଣୀକରଣକୁ ପରିହାର କରନ୍ତୁ । ଏହା ବ୍ୟତୀତ ବିକାଶ ପାଇଁ ନିର୍ଦ୍ଦିଷ୍ଟ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିଭୂତ କରନ୍ତୁ ଯାହାକୁ ଶିକ୍ଷାର୍ଥୀମାନଙ୍କ ସହିତ ଆଲୋଚନା କରିପାରିବେ ।
- ଏପରି ବିଷୟ ଉପରେ ଧ୍ୟାନ କେନ୍ଦ୍ରିତ କରନ୍ତୁ, ଯାହାକୁ ପ୍ରତ୍ୟେକ ଶିକ୍ଷାର୍ଥୀ ବଦଳାଇ ପାରିବେ ଓ ହଠାତ୍ ସେମାନଙ୍କୁ ଅତ୍ୟଧିକ ପ୍ରତିପୁଷ୍ଟ ସହିତ ଭାରାକ୍ରାନ୍ତ କରିବାରୁ ଦୂରେଇ ରୁହନ୍ତୁ ।
- ଯଦି ଆପଣଙ୍କୁ ଦଳରେ ଜଣଙ୍କୁ ପ୍ରତିପୁଷ୍ଟି ଦେବାକୁ ଥାଏ ତେବେ ସମ୍ବେଦନଶୀଳ ହୁଅନ୍ତୁ । ସର୍ବଦା ଆପଣଙ୍କ ପରାମର୍ଶ ରଖିବା ପରିବର୍ତ୍ତେ ଧାରଣାର ବିନିମୟ କରନ୍ତୁ ଓ ସମାଧାନ ବାହାର କରନ୍ତୁ ।
- ଫଳାଫଳ ପାଇଁ ଆପଣ ଉଭୟ ଯାହା କରିବେ ସେଥିରେ ରାଜି ହୁଅନ୍ତୁ । ନୂତନ ଲକ୍ଷ୍ୟ ବା ଶିକ୍ଷଣ ସୁଯୋଗଗୁଡ଼ିକରେ ଯୋଜନା ଆଦିକୁ ଅନ୍ତର୍ଭୁକ୍ତ କରିଥାଏ ।
- ବ୍ୟକ୍ତିଗତ ବା ଦଳଗତ ସ୍ଥିତିକୁ ଖାପ ଖୁଆଇଲାଭଳି ଆପଣଙ୍କର ପନ୍ଥାକୁ ଉପଯୋଗୀ କରାନ୍ତୁ । ବେଳେବେଳେ ଆମେ ଶ୍ରେଣୀ ପରିଚାଳନା ସମୟରେ ବା ଯେତେବେଳେ ଶିକ୍ଷାର୍ଥୀମାନେ ଶିକ୍ଷଣ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି, ଅଲିଖିତ ଓ ଅଣବାଚନିକ ପ୍ରତିପୁଷ୍ଟି ବ୍ୟବହାର



ଟିପ୍ପଣୀ

କରୁ । ଏଗୁଡିକ ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀଙ୍କ ଆଖିକୁ ଚାହିଁବା, ଆଙ୍ଗୁଳି ନିର୍ଦ୍ଦେଶ ବା ମୁଣ୍ଡ ହଲାଇ ଅନୁମୋଦନ ବା ଅଗ୍ରାହ୍ୟ କରିବା, ହସିକରି ଅନୁମୋଦନ କରିବାଭଳି ଶାରିରୀକ ଅଙ୍ଗଭଙ୍ଗୀ ଏହାର ଅନ୍ତର୍ଭୁକ୍ତ ।

ଫଳପ୍ରଦ ପ୍ରତିପୁଷ୍ଟି ପାଇଁ ଯାହା ବାଚନିକ (verbal) ବା ଲିଖିତ (written) ରୂପେ ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟ ସଂପାଦନ ନିମନ୍ତେ ଦିଆଯାଇଥାଏ, ସେଥିପାଇଁ ଆପଣଙ୍କୁ ନିମ୍ନୋକ୍ତ ବିଷୟ ପ୍ରତି ଯତ୍ନ ନେବା ଆବଶ୍ୟକ । କୌଣସି ବିଳମ୍ବ ନକରି ପ୍ରତିପୁଷ୍ଟି ପ୍ରଦାନ କରନ୍ତୁ ନତୁବା ପ୍ରତିପୁଷ୍ଟି ଏହାର ପ୍ରାସଙ୍ଗିକତା ହରାଇବ । ଶିକ୍ଷାର୍ଥୀମାନଙ୍କର ସ୍ୱାଧୀନ ଶିକ୍ଷଣ ଅଭ୍ୟାସ ବିକାଶ କରିବାର ଇଚ୍ଛା ନେଇ ନମ୍ବର ପରିବର୍ତ୍ତେ ସଠିକ୍ ବା ବର୍ଣ୍ଣନାତ୍ମକ ଉକ୍ତିମାନ ବ୍ୟବହାର କରନ୍ତୁ ।

- ଜଣେ ଶିକ୍ଷାର୍ଥୀର ସାମର୍ଥ୍ୟ ଓ ଦୁର୍ବଳତା ସଂପର୍କିତ ଉକ୍ତିଗୁଡିକୁ ଅନ୍ତର୍ଭୁକ୍ତ କରନ୍ତୁ ଓ କିପରି ବିକାଶ କରିବେ ତାହାର ମାର୍ଗ ଦର୍ଶନ କରନ୍ତୁ ।
- ପରବର୍ତ୍ତୀ ସୋପାନ ସ୍ୱରୂପ ଗୋଟିଏ ବା ଦୁଇଟି ଶିକ୍ଷଣ ଉଦ୍ଦେଶ୍ୟ ବା ଲକ୍ଷ୍ୟ ପ୍ରଦାନ କରନ୍ତୁ ଯାହା ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଉପଲବ୍ଧ ହୋଇପାରିବ ।

ଶିକ୍ଷଣ ପାଇଁ ଆକଳନ ଉପରେ ଆଧାରିତ ସମୟୋଚିତ ପ୍ରତିପୁଷ୍ଟିର ସକରାତ୍ମକ ପ୍ରଭାବର ଦୃଢୀକରଣ କେତେକ ଗବେଷକଙ୍କ ଦ୍ୱାରା କରାଯାଇଅଛି । Haltie(୨୦୦୨)ଙ୍କ ଦ୍ୱାରା ଏହା ପର୍ଯ୍ୟବେକ୍ଷଣ ହୋଇଛି ଯେ ଶିକ୍ଷଣ ତ୍ରୁଟି ଉପରେ ପ୍ରତିପୁଷ୍ଟି ଦେବା ଓ ଏହାକୁ ସୁଧାରିବା ପାଇଁ ଶିକ୍ଷାର୍ଥୀଙ୍କୁ ସୁଯୋଗ ଦେବା ଏବଂ ଭବିଷ୍ୟତ କାର୍ଯ୍ୟର ବିକାଶ ପାଇଁ କୌଶଳମାନ ଚିହ୍ନଟ କରିବା ଆଦି ଉପଲବ୍ଧ ହାରର ମହତ୍ୱପୂର୍ଣ୍ଣ ବିକାଶ ସହିତ ପ୍ରତ୍ୟକ୍ଷ ଭାବେ ସଂପର୍କିତ ।

ଏକ ସଫଳତାର ସଂସ୍କୃତି ସୃଷ୍ଟି କରିବାକୁ ଯେଉଁଠି ସେମାନେ ଉପଲବ୍ଧି କରିପାରିବେ ବୋଲି ପ୍ରତ୍ୟେକ ଶିକ୍ଷାର୍ଥୀ ବିଶ୍ୱାସ କରନ୍ତି, ଜଣେ ଶିକ୍ଷକ ଭାବେ ଆପଣ ଏହା ନିଶ୍ଚିତ କରିବା ଆବଶ୍ୟକ ଯେ ପ୍ରତ୍ୟେକ ଶିକ୍ଷାର୍ଥୀ ଏ ସଂପର୍କରେ ସ୍ପଷ୍ଟ ଅଟନ୍ତି :-

- ସେମାନେ କ'ଣ କରିବାକୁ ଉଦ୍ଦିଷ୍ଟ,
- ଏହା କିପରି ଆକଳନ ହେବ,
- ସେମାନେ କ'ଣ ଭଲ କରୁଛନ୍ତି ,
- ଭୁଲ କ'ଣ ଅଛି ଓ ଏହାକୁ ଠିକ୍ କରିବା ପାଇଁ କ'ଣ କରାଯିବା ଆବଶ୍ୟକ ।

Black and Willium (1999) ଙ୍କ ସୂଚନା ଅନୁସାରେ ଅନ୍ୟମାନଙ୍କ ସହିତ ସାମର୍ଥ୍ୟ ଓ ପ୍ରତିଯୋଗିତା ଏବଂ ତୁଳନା ଆଦିର ସଂପର୍କିତ କରିବାରୁ ବିରତ ରୁହନ୍ତୁ । Butler (୧୯୯୮) କହନ୍ତି ଯେ ଗଠନମୂଳକ ମନ୍ତବ୍ୟ ବ୍ୟବହାର ହୋଇଥିବା ପ୍ରତିପୁଷ୍ଟି ୩୩% ପର୍ଯ୍ୟନ୍ତ ବିକଶିତ କାର୍ଯ୍ୟ ସଂପାଦନକୁ ଆଗେଇ ନିଏ । ଗ୍ରେଡ ବ୍ୟବହାର କରି ନମ୍ବର ଦେବା ଶିକ୍ଷାର୍ଥୀମାନଙ୍କର କାର୍ଯ୍ୟ ସଂପାଦନ ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ ।



ଟିପ୍ପଣୀ

E.3 ଶିକ୍ଷଣ ପାଇଁ ଆକଳନର ଯେକୌଣସି ଦୁଇଟି ଉପଯୋଗିତା ବର୍ଣ୍ଣନା କରନ୍ତୁ ।

E.4 ଗୃହକାର୍ଯ୍ୟ ଆକଳନ କରିବା ସମୟରେ କେଉଁଟି ପ୍ରତିପୁଷ୍ଟିର ସବୁଠାରୁ ଉପଯୁକ୍ତ ଆକାର ?

a. ଲାଲ ଛକି ଦ୍ଵାରା ତ୍ରୁଟି ଚିହ୍ନର ସଂଶୋଧନ କରିବା

b. ଲିଖିତ ରୂପରେ ନିର୍ଦ୍ଦିଷ୍ଟ ମନ୍ତବ୍ୟ ଦେବା ।

c. କେବଳ ବାଚନିକ ଆଲୋଚନା ମାଧ୍ୟମରେ

E.5 ଶିକ୍ଷଣ ପାଇଁ ଆକଳନ ଗଠନମୂଳକ ଆକଳନର ଏକ ପ୍ରକାର ଅଟେ କି ? ଆପଣଙ୍କ ଉତ୍ତର ପାଇଁ କାରଣ ଦର୍ଶାନ୍ତୁ ।

## ୧୪.୨.୩ ଶିକ୍ଷଣ ପରି ଆକଳନ ବା ଶିକ୍ଷଣ ହେଉଛି ଆକଳନ

ଆମେ ନିଜର ବା ଅନ୍ୟର କାର୍ଯ୍ୟ ସମ୍ପାଦନକୁ ଆକଳନ କରିବା ସମୟରେ ଯେତେବେଳେ ନୂତନ ଅନୁଭୂତିକୁ ଏକତ୍ରିତ କରିଥାଉ ସେତେବେଳେ ଶିକ୍ଷଣ ଏବଂ ଆକଳନର ପ୍ରକ୍ରିୟା ନିଜ ମଧ୍ୟରେ ଥିବା ସୀମାରେଖାକୁ ହରାଇ ଦିଅନ୍ତି । ଏପରି ପରିପ୍ରେକ୍ଷୀରେ ଆକଳନ ଏକ ଶିକ୍ଷଣ ପ୍ରକ୍ରିୟାରେ ପରିଣତ ହୋଇଥାଏ ।

ପରିସ୍ଥିତି ୪: ମିଷ୍ଟର ଅନନ୍ତ ସପ୍ତମ ଶ୍ରେଣୀର ଜଣେ ଛାତ୍ର ନିଜର ଶିକ୍ଷକ ଓ ସହପାଠୀ ମାନଙ୍କ ଦ୍ଵାରା ଆକଳନ ନିମିତ୍ତ ଉପସ୍ଥାପନ କରିବା ପାଇଁ ନିଜର କାର୍ଯ୍ୟ ଗୁଡିକୁ ଏକ କ୍ରମରେ ସଂଗ୍ରହ କରୁଥିଲେ । କାର୍ଯ୍ୟଗୁଡ଼ିକୁ ଉପଯୁକ୍ତ କ୍ରମରେ ଏକତ୍ରିତ ଓ ସଜାଉଥିବା ସମୟରେ ସେ କୃତି ଆକଳନର ସୂଚକ ଗୁଡିକୁ ତାଲିକା କରିବାକୁ ଚେଷ୍ଟାକଲେ । ସେ ନିଜ ଅଭିଜ୍ଞତାର ପୁନଃସ୍ମରଣ କଲେ ଓ ପାଇଲେ ଯେ ସେ କୌଣସି ନମୁନା ବା ମାନଚିତ୍ରକୁ ସଂଗ୍ରହିତ ସାମଗ୍ରୀରେ ଅନ୍ତର୍ଭୁକ୍ତ କରିନାହାନ୍ତି । ସେ ଭାବିଲେ ଯେ ଏହି ସାମଗ୍ରୀ ଗୁଡିକ ବିନା ସଂଗ୍ରହ ଅଧା ରହିଯିବ । କେତେକ ନମୁନା ତଥା ନିଜ ଜିଲ୍ଲାର ଗୋଟିଏ ମାନଚିତ୍ର ତିଆରି କରିବା ପରେ ସେ ପୁନଶ୍ଚ ନିଜର ସାମଗ୍ରୀ ଗୁଡିକୁ ସଜାଇ ବାକୁ ଚେଷ୍ଟା କଲେ । ଏଥିରେ କେତେ ପ୍ରକାରର ସାମଗ୍ରୀ ଥିଲା ଯେପରିକି ଦୁଇଟି ରଚନା, ବିଦ୍ୟାଳୟର ପତ୍ରିକାରେ ଛପାଯାଇଥିବା ଏକ ଗଳ୍ପ, ବିଭିନ୍ନ ଉତ୍ସରୁ ସଂଗୃହୀତ କରିଥିବା ପାଞ୍ଚଗୋଟି ଗଣିତର କୁହକ, "ସମସ୍ତଙ୍କ ପାଇଁ ଶିକ୍ଷା", ରାଲି ନିମିତ୍ତ ତିଆରି କରାଯାଇଥିବା ସ୍ଲୋଗାନରୁ ୪ଟି, ବିଭିନ୍ନ କଠିନ ପଦାର୍ଥର କାଗଜରୁ ତିଆରି ନମୁନା, ନିଜ ଜିଲ୍ଲାର ମାନଚିତ୍ର ଏବଂ ରଙ୍ଗବେରଙ୍ଗ କାଚବାଟିର ସଂଗ୍ରହ । ଏହିସବୁ ସାମଗ୍ରୀକୁ କିପରି ସଜାଇବେ ସେଥିନିମିତ୍ତ ସେ ଚିନ୍ତାରେ ଥିଲେ ଯାହା ଫଳରେ ସେ ଶିକ୍ଷକ ଓ ସହପାଠୀମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ । ଯେଉଁମାନେ କି ତାଙ୍କ କୃତୀକୁ ଆକଳନ କରିବେ । ଗୋଟିଏ ଯୋଜନା ସହ ଆଣିଲେ, ସେ ଏକ କାହାଣୀର ପଂକ୍ତି ତିଆରି କଲେ ତଥା କାହାଣୀର ପଂକ୍ତିଗୁଡ଼ିକୁ ଦର୍ଶାଇବା ପାଇଁ କିଛି ଅତିରିକ୍ତ ପୋଷ୍ଟର ତିଆରି କଲେ । ପଂକ୍ତି ମଝିରେ ସେ ବସ୍ତୁକୁ ଏପରି ସଜାଇଲେ ଯେ ପର୍ଯ୍ୟବେକ୍ଷକ ଗଳ୍ପର ପଂକ୍ତି ଅନୁସରଣରେ ମିଷ୍ଟର ଅନନ୍ତଙ୍କର କୌଣସି କାର୍ଯ୍ୟକୁ ଭୁଲି ଯିବେନି ବା କୌଣସି ସାମଗ୍ରୀ ସମଗ୍ର ସଂଗ୍ରହ ଭିତରେ ଅପ୍ରାସଙ୍ଗିକ ବୋଲି ବିଚାର କରି ପାରିବେ ନାହିଁ ।

ନିମ୍ନଲିଖିତ ପରିସ୍ଥିତିକୁ ବିଚାର କରନ୍ତୁ :

**ମିଷ୍ଟର ଅନନ୍ତ କଣ କରୁଥିଲେ ଆସନ୍ତୁ ଚିନ୍ତା କରିବା :**

ଟିପ୍ପଣୀ

- ସେ ତାଙ୍କର ସଂଗୃହିତ ବସ୍ତୁ ଗୁଡିକୁ ଆକଳନ ପାଇଁ ସଜ୍ଜିକରଣ କରୁଥିଲେ ।
- ସେ ଆକଳନର ସୂଚକ ଗୁଡିକୁ ତାଲିକା କରୁଥିଲେ (ଶିକ୍ଷଣ ଫଳାଫଳ)
- ଆକଳନ ପାଇଁ ଆବଶ୍ୟକ ବୋଲି ଭାବୁଥିବା କେତେକ ନୂଆ ସାମଗ୍ରୀ ଗୁଡିକୁ ସେ ବିକଶିତ କଲେ ।
- ପୁନଃ ବ୍ୟବହୃତ କରିବା ପ୍ରୟାସ କରିଥିଲେ କିନ୍ତୁ ପାଇଲେ ଯେ ବସ୍ତୁ ଗୁଡିକ ଖୁବ୍ ଅସଙ୍ଗତ ।
- ଏକ ଅର୍ଥପୂର୍ଣ୍ଣ ସଜ୍ଜୀକରଣ ପାଇଁ ସେ ଏକ ଉପାୟ ଚିନ୍ତାକଲେ ।
- ସେ ଏକ କାହାଣୀର ପଂକ୍ତି ଗୁଡିକୁ ଚିନ୍ତାକଲେ ଓ ପରେ ସଜ୍ଜୀକରଣକୁ ସମାପ୍ତ କଲେ ।

ପ୍ରତି ମୂହୂର୍ତ୍ତରେ ଏକ ଆକଳନ ଘଟଣା ପାଇଁ ଅନନ୍ତ ପ୍ରସ୍ତୁତି କରୁଥିଲେ ଓ ଏକ ସମୟରେ ସେ ନିଜକୁ ଓ ଶିକ୍ଷଣ ଫଳାଫଳ ଆଧାରରେ ନିଜ ସାମଗ୍ରୀ ଗୁଡିକର ପର୍ଯ୍ୟାପ୍ତତା, ପ୍ରାସଙ୍ଗିକତା ଓ ଅର୍ଥପୂର୍ଣ୍ଣକୁ ଆକଳନ କରୁଥିଲେ । ଆକଳନ କରୁଥିବା ସମୟରେ ସେ ଶିଖୁଥିଲେ ବୋଲି ଆପଣ ଭାବୁଛନ୍ତି କି ଓ ଏହି ଆକଳନ ତାଙ୍କପାଇଁ ଏକ ଶିକ୍ଷଣ ଘଟଣା ନଥିଲା କି ?

ଶିକ୍ଷଣ ପରି ଆକଳନ ବା ଶିକ୍ଷଣ ହେଉଛି ଆକଳନ ତୁଳନାତ୍ମକ ଭାବେ ତିନି ପ୍ରକାର ଆକଳନ ମଧ୍ୟରୁ ସବୁଠାରୁ କଠିନ ଆକଳନ । କିନ୍ତୁ ତଥାପି ଏହା ମଧ୍ୟ ଶିକ୍ଷାର୍ଥୀ ମାନଙ୍କ ଉପଲବ୍ଧି ପାଇଁ ଅତି ମହତ୍ତ୍ୱପୂର୍ଣ୍ଣ ଦକ୍ଷତା ଅଟେ ଓ ଶିକ୍ଷଣ ସ୍ୱାଧୀନ ରୂପେ ପ୍ରଗତିନିମିତ୍ତ ଅତି ଗୁରୁତ୍ୱପୂର୍ଣ୍ଣ । ଶିକ୍ଷଣର ଆକଳନ ପାଇଁ ଅନ୍ୟପନ୍ଥା ତୁଳନାରେ ଶିକ୍ଷଣ ପରି ଆକଳନ ସମ୍ପୂର୍ଣ୍ଣ ଭାବେ ଶିକ୍ଷାର୍ଥୀ ନିୟନ୍ତ୍ରିତ ହୋଇଥାଏ । ଆକଳନ ଓ ଶିକ୍ଷଣ ମଧ୍ୟରେ ନିର୍ଣ୍ଣାୟକ ସଂଯୋଗକାରୀ ଭାବେ ଏହା ଶିକ୍ଷାର୍ଥୀର ଭୂମିକା ଉପରେ ଗୁରୁତ୍ୱ ଦେଇଥାଏ ।

ଶିକ୍ଷଣ ପରି ଆକଳନ କେବଳ ଆରମ୍ଭ ହୁଏ ଯେତେବେଳେ ଶିକ୍ଷାର୍ଥୀ ଶିକ୍ଷଣ ଉଦ୍ଦେଶ୍ୟ ତଥା କାର୍ଯ୍ୟ ସମ୍ବନ୍ଧରେ ମାନଦଣ୍ଡ ବିଷୟରେ ଅବଗତ ହୁଅନ୍ତି ଏବଂ ଉଦ୍ଦେଶ୍ୟକୁ ପ୍ରାପ୍ତ କରିବା ପାଇଁ ପ୍ରୟାସ ଜାରି ରଖିଥାନ୍ତି । ଏହି ପ୍ରକ୍ରିୟାରେ ସେମାନେ ଉଦ୍ଦେଶ୍ୟ ନିର୍ଦ୍ଧାରଣ କରିବା ପାଇଁ ପ୍ରୟାଶ ଯାରି ରଖିଥାନ୍ତି । ଏହି ପ୍ରକ୍ରିୟାରେ ସେମାନେ ଉଦ୍ଦେଶ୍ୟ ନିର୍ଦ୍ଧାରଣ କରିବା, ନିଜ ପ୍ରଗତିର ତଦାରଖ କରିବା ଓ ଫଳାଫଳ ଉପରେ ଚିନ୍ତନ କରିବା ଆଦିରେ ସମ୍ପୃକ୍ତ ହୋଇଥାନ୍ତି । ଏହା ସୂଚୀତ କରେ ଯେ ଶିକ୍ଷାର୍ଥୀମାନେ ଶିକ୍ଷଣରେ ସମ୍ପୃକ୍ତ ଥିବା ସମୟରେ ଆକଳନର ସମସ୍ତ ଦାୟିତ୍ୱ ବହନ କରିଥାନ୍ତି । ଯେଉଁ ଶିକ୍ଷାର୍ଥୀମାନେ ସେମାନଙ୍କ ଚିନ୍ତନ ପ୍ରକ୍ରିୟା (ଯଥା ସେମାନଙ୍କ ଜାଣିବା ପ୍ରକ୍ରିୟା ବା ବହୁବିଧ ସଭ୍ୟର ଚିନ୍ତନକୁ ଜାଣିବା) ର ବିଶ୍ଳେଷଣ କରିବାକୁ ସମର୍ଥ ସେମାନେ ଶିକ୍ଷଣ ପରି ଆକଳନକୁ ବ୍ୟବହାର କରିପାରିବେ ଯାହା ସମଗ୍ର ଶିକ୍ଷଣ ପ୍ରକ୍ରିୟାରେ ଘଟିଥାଏ ।

Lorn. M. (2006) ଙ୍କ ମତ ଅନୁସାରେ ଶିକ୍ଷଣ ପରି ଆକଳନ ଏହି ବିଶ୍ୱାସ ଉପରେ ପ୍ରତିଷ୍ଠିତ ଯେ ଶିକ୍ଷାର୍ଥୀମାନେ ସେମାନଙ୍କ ଶିକ୍ଷଣରେ ଓ ନିର୍ଣ୍ଣୟ ନେବାରେ ଉପଯୋଗୀ, ନମନୀୟ ଓ ସ୍ୱାଧୀନ ହେବାରେ ସମର୍ଥ ହୋଇଥାନ୍ତି ।

ଶିକ୍ଷଣ ବହୁବିଧ ଗଭୀର ଚିନ୍ତନ ପ୍ରକ୍ରିୟା ମାଧ୍ୟମରେ ଶିକ୍ଷାର୍ଥୀ ମାନଙ୍କୁ ସେମାନଙ୍କ ଶିକ୍ଷଣର ଉପରେ ଚିନ୍ତନ ନିମିତ୍ତ ବହୁବିଧ ସୁଯୋଗ ପ୍ରଦାନ କରିଥାଏ । ଏହା ମାନସିକ ଆଲୋଡନ ସ୍ୱ-ମୂଲ୍ୟାୟନ ଦ୍ୱାରା ସହଜ ହୋଇପାରିବ । ସ୍ୱ-ମୂଲ୍ୟାୟନ ଓ ସହପାଠୀ ମୂଲ୍ୟାୟନ ଭଳି ସର୍ବୋତ୍ତମ କାର୍ଯ୍ୟ ଜଣେ ଶିକ୍ଷକ ଭାବେ ଆପଣ

କରିପାରିବେ ଯାହା ପରବର୍ତ୍ତୀ ସ୍ତରରେ ଶିକ୍ଷଣ ପରି ଆକଳନର ବ୍ୟବହାରର ନିମିତ୍ତ ସେମାନଙ୍କୁ ସାହାଯ୍ୟ କରିବ ।

- ସ୍ୱ-ଆକଳନ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିଥାଏ :
  - ନିଜର ଶିକ୍ଷଣ ଉପରେ ଚିନ୍ତା କରିବା
  - ନିଜର ସାମର୍ଥ୍ୟ ଓ ଯେଉଁ କ୍ଷେତ୍ରରେ ଆଶା ଓ ଉପଲବ୍ଧି ସ୍ତର ସଂପର୍କିତ ସ୍ପଷ୍ଟ ମାନଦଣ୍ଡ ବ୍ୟବହାର କରି ସେମାନେ ବିକାଶ ଚାହାନ୍ତି ତାହାକୁ ଚିହ୍ନଟ କରିବା
  - ଲକ୍ଷ୍ୟ ନିର୍ଦ୍ଧାରଣ କରିବା ଓ ଶିକ୍ଷଣ ପାଇଁ ପରବର୍ତ୍ତୀ ପଦକ୍ଷେପ ଗୁଡ଼ିକୁ ଚିହ୍ନଟ କରିବା
  - ବହୁବିଧ ଗଭୀର ଚିନ୍ତନ ବିକଶିତ କରିବାରେ
  - ସ୍ୱାଧୀନ ଓ ସ୍ୱନିର୍ଦ୍ଦେଶିତ ଶିକ୍ଷାର୍ଥୀରେ ପରିଣତ କରିବା
  - ସେମାନଙ୍କ କୃତି ପାଇଁ କାର୍ଯ୍ୟ ଚୟନ କରିବା ଯାହା ସମୟ ଅନୁସାରେ ସେମାନଙ୍କ ପ୍ରଗତି ଓ ସର୍ବୋତ୍ତମ ପ୍ରଚେଷ୍ଟାକୁ ପ୍ରତିପାଦିତ କରିବା
- ସହପାଠୀ ଆକଳନ ଶିକ୍ଷାର୍ଥୀଙ୍କୁ ସହାୟତା କରିଥାଏ:
  - ସଂଳାପ ଓ ସହପାଠୀଙ୍କ କ୍ରିୟା ପ୍ରତିକ୍ରିୟା ମାଧ୍ୟମରେ ସେମାନଙ୍କ ଶିକ୍ଷଣକୁ ଦୃଢ଼ିକରଣ କରିବାରେ ସ୍ପଷ୍ଟ ମାନଦଣ୍ଡ ଆଧାରିତ ଗଠନମୂଳକ, ସ୍ପଷ୍ଟ ପ୍ରତିପୁଷ୍ଟ କିପରି ଦେବା ଓ ନେବା ଶିଖିବାରେ
  - କାର୍ଯ୍ୟ ଓ ଦତ୍ତକାର୍ଯ୍ୟ ମାଧ୍ୟମରେ ସ୍ପଷ୍ଟରୂପେ ପ୍ରସ୍ତୁତ ଓ ଶିଖାଯାଇଥିବା ଧାରଣା ଓ କୌଶଳର ଅଭ୍ୟାସ କରିବାରେ

---

E.6 ନିମ୍ନଲିଖିତ ମଧ୍ୟରୁ କେଉଁ ପରିସ୍ଥିତିରେ ଶିକ୍ଷଣ ପରି ଆକଳନ ସମ୍ଭବ ହୋଇଥାଏ ?

(କ) ଏକକ ପରୀକ୍ଷଣ

(ଖ) ଦଳଗତ ପରୀକ୍ଷଣ

(ଗ) ଦଳଗତ ଶିକ୍ଷଣ

(ଘ) ସହଭାଗୀ ଶିକ୍ଷଣ

E.7 ଶିକ୍ଷଣ ପାଇଁ ଆକଳନ ଓ ଶିକ୍ଷଣ ପରି ଆକଳନ ମଧ୍ୟରେ ଥିବା ଯେ କୌଣସି ଏକ ପାର୍ଥକ୍ୟ ଦର୍ଶାନ୍ତୁ ।

---

ଟିପ୍ପଣୀ

## ୧୪.୩ ଆକଳନ ଯୋଜନାର ପରିକଳ୍ପନା କରିବା

ଯଦି ଶିକ୍ଷାର୍ଥୀଙ୍କ ଶିକ୍ଷଣ ଅଗ୍ରଗତିର ଉତ୍ତମ ମୂଲ୍ୟାୟନ ପାଇଁ ଆପଣ ଲକ୍ଷ୍ୟ ରଖନ୍ତି ତେବେ ଆପଣଙ୍କୁ ଶିକ୍ଷଣ ଶୈଳୀ, ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ସାମର୍ଥ୍ୟ ଏବଂ ଆବଶ୍ୟକତାକୁ ବିଚାରକୁ ନେବାକୁ ହେବ । ଆପଣଙ୍କୁ ମନେ ରଖିବାକୁ ହେବ ଯେ ଆକଳନ ଶିକ୍ଷଣ ପ୍ରକ୍ରିୟାର ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ଏହା ଶିକ୍ଷାଦାନ - ଶିକ୍ଷଣ କାର୍ଯ୍ୟ ବା ଶିକ୍ଷକ କୈନ୍ଦ୍ରିକ କାର୍ଯ୍ୟର ଏକ ସଂଯୋଗ ନୁହେଁ । ଏହା ନମନୀୟ ଓ ଇପ୍ସିତ ଶିକ୍ଷଣ ଫଳାଫଳ ଦ୍ୱାରା ପରିଚାଳିତ ତଥା ଶିକ୍ଷଣର ଅବିଚ୍ଛିନ୍ନ ଅଂଶ, ହୋଇଥିବାରୁ ଶିକ୍ଷଣ ପ୍ରକ୍ରିୟା ଭଳି ଏହା ଧାରା ବାହିକ । ଏଥିପାଇଁ ଶିକ୍ଷଣ ନିମିତ୍ତ ଯୋଜନା, ଶ୍ରେଣୀ ପାଇଁ ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟ ଯୋଜନାର ଏକ ଅଂଶ ବିଶେଷ ଗଢେ଼ବା ଉଚିତ୍ ।

- ଶ୍ରେଣୀରେ ଆକଳନ ପାଇଁ ଯୋଜନା ପ୍ରସ୍ତୁତ କରିବା ସମୟରେ ଆପଣଙ୍କୁ ନିମ୍ନୋକ୍ତ ମୌଳିକ ସର୍ତ୍ତ ଗୁଡ଼ିକୁ ବିଚାର କରିବାକୁ ହେବ ।

- ଆକଳନର ପନ୍ଥା : ଏହି ଏକକରେ ଆଲୋଚିତ ହୋଇଥିବା ସମସ୍ତ ତିନୋଟି ପନ୍ଥାକୁ ଅବଲମ୍ବନ କରିବାର ପରାମର୍ଶ ଦିଆଯାଇଥିବା ବେଳେ ଏହାକୁ ନେଇ କିପରି ଆପଣ ଆଗେଇବେ ଓ କେଉଁ ପନ୍ଥା ଆପଣଙ୍କର ସବୁଠାରୁ ପସନ୍ଦର ତାହା ଆପଣଙ୍କୁ ନିଷ୍ପତ୍ତି ନେବାକୁ ହେବ । ଶିକ୍ଷଣର ବିକାଶ କରିବାର ଦୃଷ୍ଟିକୋଣରୁ ଶିକ୍ଷଣ ପରି ଆକଳନ ଏକ ଶେଷ ପନ୍ଥା କିନ୍ତୁ ଆମ ଶ୍ରେଣୀ ଗୃହରେ ବିବିଧ ସାମର୍ଥ୍ୟ ଥିବା ଶିକ୍ଷାର୍ଥୀ ମାନଙ୍କ ସହିତ ଏହାର ପ୍ରୟୋଗ ସହଜ ନୁହେଁ । ଶିକ୍ଷଣ ପାଇଁ ଆକଳନ ସବୁଠାରୁ ଏକ ପରିଚିତ ପନ୍ଥା ଓ ଶୈକ୍ଷିକ ଏବଂ ବିଦ୍ୟାଳୟର ପରିଚାଳନା ଦୃଷ୍ଟିରୁ ଏହାର ଗୁରୁତ୍ୱ ରହିଛି । ତେବେ ଦୈନନ୍ଦିନ ଶ୍ରେଣୀ ପରିଚାଳନାରେ ଶିକ୍ଷଣ ପାଇଁ ଆକଳନ ଶ୍ରେଣୀ ଶିକ୍ଷଣ ପ୍ରକ୍ରିୟାର ଏକ ଅକାଟ୍ୟ ଅଂଶ ଭାବେ ବ୍ୟବହାର ହେବା ଦରକାର ।

- ଆକଳନର ଉଦ୍ଦେଶ୍ୟ : ଆପଣ ଯେଉଁ ପ୍ରକାରର ଆକଳନ ଆୟୋଜନ କରୁଛନ୍ତି । ଏହାର ଉଦ୍ଦେଶ୍ୟ ସ୍ପଷ୍ଟ ହେବା ଆବଶ୍ୟକ । ଏହା ଆପଣଙ୍କୁ ଓ ଆପଣଙ୍କ ଶିକ୍ଷାର୍ଥୀଙ୍କୁ ବ୍ୟବହାର କରିବାକୁ ଥିବା ଆକଳନ ଉପଯୋଗୀ ବାଞ୍ଛିତ ଦିଗରେ କାମ କରିବାକୁ ସାହାଯ୍ୟ କରିବ । ଆକଳନର ପ୍ରକାର ନିର୍ଦ୍ଦିଷ୍ଟ କରିବା ଆପଣଙ୍କୁ ମଧ୍ୟ ଶିକ୍ଷାର୍ଥୀମାନଙ୍କ ସ୍ୱର ଅନୁସାରେ ସାଧନା ପ୍ରସ୍ତୁତି ଓ ଚୟନ କରିବାରେ ସାହାଯ୍ୟ କରିବ ।

- ଶିକ୍ଷଣ ଫଳାଫଳରେ ସ୍ପଷ୍ଟତା : ପଢାଯାଇଥିବା ଏକକ / ପ୍ରସଙ୍ଗର ଇପ୍ସିତ ଶିକ୍ଷଣ ଫଳାଫଳର ପ୍ରକୃତି ଦ୍ୱାରା ଆକଳନର ପନ୍ଥା ଓ ଉଦ୍ଦେଶ୍ୟ ନିର୍ଦ୍ଧାରଣ ହୋଇଥାଏ । ଯଦି ଏକ ପ୍ରସଙ୍ଗର ଉଦ୍ଦେଶ୍ୟ କେବଳ ଜ୍ଞାନ ଆହରଣ ହୋଇଥାଏ, ତେବେ ଶିକ୍ଷଣର ଆକଳନ ପାଇଁ ଏକ ଲିଖିତ ପରୀକ୍ଷଣ ଯଥେଷ୍ଟ ହେବ । କିନ୍ତୁ ଯଦି ଉଦ୍ଦେଶ୍ୟ ଗୁଡ଼ିକ ଅଧିକତର ଭାବେ ବୋଧ ପ୍ରୟୋଗ, ବିଶ୍ଳେଷଣ ବା ସୃଜନଶୀଳତା ବିକାଶ ଆଡ଼କୁ ହୋଇଥାଏ, ତେବେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ବୃଦ୍ଧିକୁ ତଦାରଖ କରିବା ଆକଳନର ଉଦ୍ଦେଶ୍ୟ ହେବ । ଧାରାବାହିକ ଭାବେ ଶିକ୍ଷାର୍ଥୀଙ୍କ ଶିକ୍ଷଣର ସାମଗ୍ରୀକ ବର୍ଣ୍ଣନା ନିମିତ୍ତ ବିଭିନ୍ନ ପଦ୍ଧତିଗୁଡ଼ିକୁ ସଂଯୋଗ କରିବାକୁ ହେବ ଓ ଶିକ୍ଷଣ ପାଇଁ ଆକଳନ ବା ଶିକ୍ଷଣ ପରି ଆକଳନ ସବୁଠାରୁ ପସନ୍ଦର ପନ୍ଥା ହେବ ।

ଟିପ୍ପଣୀ

- ଫଳପ୍ରଦ ଆକଳନର ଦୃଷ୍ଟିଭଙ୍ଗୀ : କୌଣସି ଆକଳନ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରିବା ସମୟରେ ଆପଣଙ୍କର କାର୍ଯ୍ୟକ୍ରମଟି ଚାଲୁଥିବା ବେଳେ କ'ଣ ସବୁ ଘଟୁଥିବ, ଏହାଉପରେ ସ୍ପଷ୍ଟ ଦୃଷ୍ଟିଭଙ୍ଗୀ ରହିବା ଆବଶ୍ୟକ । ଯଦି ଆପଣ ଶିକ୍ଷଣର ଆକଳନ ପାଇଁ ଇଚ୍ଛା କରନ୍ତି ତେବେ ଆପଣଙ୍କୁ ଶ୍ରେଣୀ ବା ପରୀକ୍ଷା ହଲରେ ଥିବା ଆଦର୍ଶ ଓ ଅନୁକୂଳ ଅବସ୍ଥା ଯଥା: ବସିବା ବ୍ୟବସ୍ଥା, ଉପଯୁକ୍ତ ଭାବେ ପ୍ରସ୍ତୁତ ପ୍ରଶ୍ନପତ୍ର, ଲିଖନ ସାମଗ୍ରୀର ଉପଲବ୍ଧତା, ବହି ବା ଅନ୍ୟାନ୍ୟ ସହାୟକ ସାମଗ୍ରୀ ଆଦି ନଥିବା କଥାକୁ କଳ୍ପନା କରିବା ଦରକାର । ସେହିପରି ଆପଣଙ୍କୁ ଆପଣଙ୍କ ଶ୍ରେଣୀ ଗୃହର ଦୃଶ୍ୟକୁ କଳ୍ପନା କରିବା ଆବଶ୍ୟକ ଯାହା ଶିକ୍ଷଣ ପାଇଁ ବା ଶିକ୍ଷଣ ପରି ଆକଳନକୁ ଉତ୍ସାହିତ କରୁଥିବ । ଏହିପରି ଏକ ଦୃଷ୍ଟିଭଙ୍ଗୀର ଗଠନ ଆପଣଙ୍କୁ ଫଳପ୍ରଦ ଆକଳନ ଯୋଜନା କରିବାରେ ସାହାଯ୍ୟ କରିବ ।

- ସମୟର ବ୍ୟବସ୍ଥା : ଶିକ୍ଷଣର ଆକଳନ ଆୟୋଜନ କରିବା ପାଇଁ ଆପଣଙ୍କ ପ୍ରସଙ୍ଗ / ଏକକ ଶେଷରେ, କାର୍ଯ୍ୟ ଦିବସ / ବର୍ଷ ଶେଷରେ ନିର୍ଦ୍ଦିଷ୍ଟ ସମୟ ଆବଶ୍ୟକ କରନ୍ତି । ପ୍ରଶ୍ନପତ୍ର ପ୍ରସ୍ତୁତି, ବସିବା ବ୍ୟବସ୍ଥା, ଉତ୍ତର ପୁସ୍ତିକାର ଯାଞ୍ଚ, ଫଳାଫଳର ଲିପିବଦ୍ଧ ଓ ବିନିମୟ ଆଦି ବ୍ୟାପକ ପ୍ରସ୍ତୁତି ଆପଣଙ୍କୁ କରିବାକୁ ପଡୁଥିବାରୁ ଏହି ସବୁ ଆକଳନ କାର୍ଯ୍ୟର ଯୋଜନା ଆପଣଙ୍କୁ ଆଗରୁ କରିବାକୁ ପଡିବ । ଅବଶ୍ୟ ଏକକ ପରୀକ୍ଷଣ (ଏକକ ବା ପ୍ରସଙ୍ଗ ଶେଷରେ) ପାଇଁ କମ୍ ସମୟର ଆବଶ୍ୟକତା ହେବ । ଆପଣ କହି ପାରନ୍ତି କି, କୌଣସି କାର୍ଯ୍ୟ ଦିବସର ସାଧାରଣ ଶ୍ରେଣୀ ପିରିୟଡ ଭିତରେ । ଆପଣ ମନ ଭିତରେ ରଖିବା ଉଚିତ୍ ଯେ ଆକଳନ ପାଇଁ ବିନିଯୋଗ ହେଉଥିବା ସମୟ ବିଦ୍ୟାଳୟରେ ମିଳୁଥିବା ମୂଲ୍ୟବାନ ଶିକ୍ଷଣ ସମୟ ବିନିମୟରେ ହିଁ ନିଆଯାଏ । ଯଦି ଆପଣ ଏହି ପ୍ରକାରର ଆକଳନ ପାଇଁ ଅଧିକ ସମୟ ଦେବେ ତେବେ ବିଦ୍ୟାଳୟରେ ଶିକ୍ଷଣ ସମୟ ସେହି ଅନୁସାରେ କମ୍ ହୋଇଯିବ ।

  ଯାହା ବି ହେଉ, ଯେହେତୁ ଶିକ୍ଷଣ ପାଇଁ ଆକଳନ ତଥା ଶିକ୍ଷଣ ପରି ଆକଳନ ଉଭୟ ଶ୍ରେଣୀ ଶିକ୍ଷଣ ପ୍ରକ୍ରିୟାର ଅତୁଟ ଭାଗ ଅଟେ, ଏହାକୁ ଆୟୋଜିତ କରିବା ପାଇଁ ଆପଣ ନିର୍ଦ୍ଦିଷ୍ଟ ସମୟର ଆବଶ୍ୟକ କରନ୍ତି ନାହିଁ । ଶିକ୍ଷାଦାନ ସମୟରେ ଆପଣ ଚାହୁଁଥିବା ଆକଳନ କାର୍ଯ୍ୟ ଗୁଡିକୁ ଆପଣଙ୍କ ପାଠଟୀକା ଯୋଜନାରେ ସୂଚିତ କରିବାକୁ ପଡିବ ଯାହା ଆବଶ୍ୟକ ଅଟେ ।

- ଶିକ୍ଷାର୍ଥୀଙ୍କର ସଂପୃକ୍ତି : ଯେତେବେଳେ ଶିକ୍ଷଣ ପାଇଁ ଆକଳନରେ ଶିକ୍ଷାର୍ଥୀମାନଙ୍କର ଭୂମିକା କେବଳ ପରୀକ୍ଷଣରେ ପଚରା ଯାଇଥିବା ପ୍ରଶ୍ନର ଉତ୍ତର ଦେବାରେ ସୀମିତ ରହିଯାଇଥାଏ ଶିକ୍ଷଣ ପାଇଁ ଆକଳନରରେ ସେମାନେ ସମସ୍ତ ଶିକ୍ଷଣ କାର୍ଯ୍ୟରେ ଅଂଶ ଗ୍ରହଣ କରି ଶିକ୍ଷକ ତଥା ସହପାଠୀମାନଙ୍କ ପ୍ରତି ପ୍ରତିକ୍ରିୟାଶୀଳ ହୋଇ ସନ୍ଦେହ ମୋଚନ ପାଇଁ ପ୍ରଶ୍ନ ପଚାରି, ସହପାଠୀଙ୍କୁ ସହାୟତା କରି ଓ ଏହିପରି ଅନ୍ୟ କିଛି କାର୍ଯ୍ୟ କରି ସକ୍ରିୟ ଭାବେ ସାମିଲ ହୋଇଥାନ୍ତି । ଶିକ୍ଷଣ ପରି ଆକଳନ ପୂର୍ଣ୍ଣଭାବରେ ଶିକ୍ଷାର୍ଥୀଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । ଆପଣ ଏଥିପାଇଁ କେବଳ ସହାୟକ ହେଉଥିବା ପରିସ୍ଥିତି ପ୍ରଦାନ କରିପାରିବେ ।

- ଶ୍ରେଣୀ କକ୍ଷ ପରିବେଶ : ଶ୍ରେଣୀରେ ଶିକ୍ଷଣ ପାଇଁ ଆକଳନ କରିବା ସମୟରେ ଆମେ ସାଧାରଣତଃ ଏହା ନିଶ୍ଚିତ କରିଥାଉକି ଶ୍ରେଣୀରେ ବା ଏହାର ପରିପାର୍ଶ୍ୱରେ କୌଣସି ବସ୍ତୁ ନାହିଁ

ଟିପ୍ପଣୀ

ଯାହା ପ୍ରଶ୍ନର ଉତ୍ତର ଦେବା ରେ ସାହାଯ୍ୟ କରିବ । କିନ୍ତୁ ଅନ୍ୟ ଦୁଇ ପ୍ରକାରର ଆକଳନ ପାଇଁ ଶ୍ରେଣୀ ପରିବେଶ ସାମଗ୍ରୀରେ ସମୃଦ୍ଧ ହେବା ଦରକାର । ଶ୍ରେଣୀର କାନ୍ଥ, ଚଟାଣ ଓ ପ୍ରତ୍ୟେକ ସ୍ଥାନ ଶିକ୍ଷାର୍ଥୀ ମାନଙ୍କୁ ଭାବିବା, ଚିନ୍ତାକରିବା ଓ ଧାରଣା ସୃଷ୍ଟିକରିବା ପାଇଁ ଉତ୍ସାହିତ କରିବା ନିମିତ୍ତ ଶିକ୍ଷାର୍ଥୀ ପ୍ରିୟ ପରିବେଶ ଭାବେ ବ୍ୟବହୃତ ହେବା ଦରକାର । ଏହାସବୁ ଶିକ୍ଷଣ ପାଇଁ ଆକଳନ ଓ ଶିକ୍ଷଣ ପରି ଆକଳନର ଅତ୍ୟାବଶ୍ୟକୀୟ ଉପାଦାନ ସମୂହ ଅଟେ ।

- ପ୍ରତିପୁଷ୍ଟି ବ୍ୟବସ୍ଥା : ଆକଳନ କାର୍ଯ୍ୟକ୍ରମରେ ପ୍ରତିପୁଷ୍ଟିର ଗୁରୁତ୍ୱ ସଂପର୍କରେ ଆମେ ଆଗରୁ ଆଲୋଚନା କରିସାରିଛେ । ଶିକ୍ଷଣର ଆକଳନରେ ଶିକ୍ଷାର୍ଥୀମାନଙ୍କର କାର୍ଯ୍ୟ ସଂପାଦନ ସ୍ତରକୁ ସୂଚିତ କରିବା ପାଇଁ ଏକ ଉତ୍ତମ ରୂପେ ପ୍ରସ୍ତୁତ ବିବରଣୀରେ ଅଙ୍କ ବା ଅକ୍ଷର ଗ୍ରେଡ ବ୍ୟବହାର କରି ପ୍ରତିପୁଷ୍ଟି ପ୍ରଦାନ କରାଯାଏ । ଶିକ୍ଷାର୍ଥୀ ମାନଙ୍କ ବ୍ୟତୀତ ଏହି ବିବରଣୀ ପିତାମାତା ଓ ଅନ୍ୟମାନେ ଯିଏ କି ଶିକ୍ଷାର୍ଥୀର ଶିକ୍ଷଣ ସହ ସଂପୃକ୍ତ ସେମାନଙ୍କ ସହ ବିନିମୟ କରାଯାଏ । କନ୍ତୁ ଶିକ୍ଷଣ ପାଇଁ ମୂଲ୍ୟାୟନରେ ପ୍ରତିପୁଷ୍ଟି ତାତକ୍ଷଣିକ ଓ ଅଧିକତ୍ତର ଭାବେ ବାଚନିକ ବା ଶିକ୍ଷାର୍ଥୀ ବ୍ୟବହାର ଓ କାର୍ଯ୍ୟ ର ଏକ ବର୍ଣ୍ଣନା ଯାହା ପାଇଁ ବିସ୍ତୃତ ଯୋଜନା ଆବଶ୍ୟକ ନାହିଁ । ତେବେ ଏହି ବର୍ଣ୍ଣନା ଗୁଡିକ ପ୍ରତିକ୍ରିୟା ଫର୍ଦ୍ଦ ବା ଶିକ୍ଷାର୍ଥୀ ମାନଙ୍କ ଡାଏରୀରେ ଲେଖାଯାଇପାରେ ଯାହା ପିତାମାତାଙ୍କ ସହ ବିନିମୟ ହୋଇ ପାରିବ । ଶିକ୍ଷଣ ପରି ମୂଲ୍ୟାୟନରେ ଶିକ୍ଷାର୍ଥୀମାନେ ନିଜ ଚିନ୍ତନ ବା ସହପାଠୀଙ୍କ ଠାରୁ ପ୍ରତିପୁଷ୍ଟି ପାଆନ୍ତି ଯେଉଁଥି ପାଇଁ ଆପଣଙ୍କୁ କୌଣସି ବ୍ୟବସ୍ଥା କରିବା ଦରକାର ନାହିଁ ।

- ପରିବର୍ତ୍ତନକୁ ସନ୍ନିବେଶିତ କରିବା : ଶିକ୍ଷାର୍ଥୀମାନଙ୍କ ଶିକ୍ଷଣର ପରବର୍ତ୍ତୀ ବିକାଶ ଆଣିବା ନିମିତ୍ତ ସମଗ୍ର ଆକଳନ ପ୍ରକ୍ରିୟା ଉଦ୍ଦିଷ୍ଟ । ତ୍ରୁଟି ସଂଶୋଧନ ଓ ଶିକ୍ଷଣର ବିକାଶ ଓ ସମୃଦ୍ଧ ନିମିତ୍ତ ଶିକ୍ଷଣ ଫଳାଫଳ ଆଧାରରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ସହ ପରାମର୍ଶ ପୂର୍ବକ ଆପଣଙ୍କୁ କାର୍ଯ୍ୟ ସୂଚକ ଗୁଡିକୁ ଯୋଜନା କରିବାକୁ ହେବ । ଶିକ୍ଷଣରେ ଆକଳନର ଚକ୍ର, ସାମର୍ଥ୍ୟ ଓ ଦୁର୍ବଳତାର ନିଦାନ, ବିକାଶ ଓ ସମୃଦ୍ଧି ନିମିତ୍ତ ଉପଯୁକ୍ତ ପଦକ୍ଷେପ ନେବା ଆଦି ଧାରାବାହିକ ଭାବେ ଚକ୍ରାକାର ଢଙ୍ଗରେ ଉଚ୍ଚ ରୁ ଉଚ୍ଚକୁ ଶିକ୍ଷାର୍ଥୀ ମାନଙ୍କୁ ଗ୍ରେଡସହ ସମଗ୍ର ବିଦ୍ୟାଳୟ ବର୍ଷ ଗୁଡିକରେ ଚାଲିଥାଏ ।

- ଧାରାବାହିକ ତଦାରଖ : ବିଦ୍ୟାଳୟରେ ଆକଳନ କାର୍ଯ୍ୟକ୍ରମର ଧାରାବାହିକତା ଓ ଗୁଣାତ୍ମକତାକୁ ଧରି ରଖିବା ପାଇଁ ଶିକ୍ଷକ ମାନଙ୍କର ଏକ ଦଳକୁ ଯୋଜନାର ତଦାରଖ, ପରିଚାଳନା, ଲିପିବଦ୍ଧ, ଫଳାଫଳର ବିନିମୟ ସମୟୋଚିତ ଓ ଉପଯୁକ୍ତ ପରବର୍ତ୍ତୀ କାର୍ଯ୍ୟଗ୍ରହଣ ଆଦି ଦାୟିତ୍ୱ ଦିଆଯାଇପାରେ । ଆଶା କରାଯାଉଥିବା ଶିକ୍ଷଣ ଫଳାଫଳ ଅନୁସାରେ ସମସ୍ତ ତଦାରଖ କାର୍ଯ୍ୟ କରାଯିବା ଉଚିତ୍ ।

## ୧୪.୪ ସାରାଂଶ

- ଇପ୍‌ସିତ ଶିକ୍ଷଣ ଫଳାଫଳ ଆଧାରରେ ଶ୍ରେଣୀରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ଶିକ୍ଷଣର ଆକଳନ ଉଦ୍ଦେଶ୍ୟ ଓ ସମୟ ଆଧାରରେ ଆକଳନକୁ ଶିକ୍ଷଣ କ୍ରମରେ ବର୍ଗୀକରଣ କରାଯାଇ ପାରିବ ।

ଟିପ୍ପଣୀ

- ମୌଖିକ କାର୍ଯ୍ୟସଂପାଦନ ଓ ଲିଖିତଭଳି ଆକଳନ ତଥା ଦୁଇ ବା ତତୋଧିକର ସମଷ୍ଟିକୁ ଶିକ୍ଷଣର ଆକଳନ ସୂଚିତ କରେ । ଯାହା ଗୋଟିଏ ଶିକ୍ଷଣ ଏକକ ବା କାର୍ଯ୍ୟ ସ୍ତରରେ ବା ଶେଷରେ ଘଟିଥାଏ । ନମ୍ବର ବା ଗ୍ରେଡ୍ ବ୍ୟବହାର କରି ଶିକ୍ଷଣର ଆକଳନ ଫଳାଫଳ ଲିପିବଦ୍ଧ କରାଯାଏ ଓ ପରବର୍ତ୍ତୀ ଏକକ ଗୁଡ଼ିକର ଶିକ୍ଷଣରେ ଶିକ୍ଷାର୍ଥୀମାନଙ୍କୁ କାର୍ଯ୍ୟ ସଂପାଦନର ବିକାଶ ନିମିତ୍ତ ବ୍ୟବହାର କରାଯାଏ ।

- ଶିକ୍ଷଣ ପାଇଁ ଆକଳନ ମୁଖ୍ୟ ରୂପରେ ଶିକ୍ଷାର୍ଥୀଙ୍କ ଶିକ୍ଷଣକୁ ବିକାଶ କରାଇବା ପାଇଁ ତଥା ଶିକ୍ଷଣକୁ ମାର୍ଗ ଦର୍ଶନ ଦେବା ପାଇଁ ଶିକ୍ଷକ ଓ ସହପାଠୀଙ୍କ ଧାରାବାହିକ ପ୍ରତିପୁଷ୍ଟି ମାଧ୍ୟମରେ ପ୍ରସ୍ତୁତ ଅଭ୍ୟାସ କାର୍ଯ୍ୟ ଓ ଶ୍ରେଣୀ କାର୍ଯ୍ୟ ପର୍ଯ୍ୟବେକ୍ଷଣ ପ୍ରକଳ୍ପ କାର୍ଯ୍ୟରେ ସମ୍ପୃକ୍ତି ଓ କୃତିର ବିକାଶ ଆଦି ପରିସ୍ଥିତି ଗୁଡ଼ିକର ଉଦାହରଣ ଅଟେ, ଯେଉଁଥିରେ ଶିକ୍ଷଣ ପାଇଁ ଆକଳନ ଫଳପ୍ରଦ ଢଙ୍ଗରେ କରାଯାଇପାରିବ ନାହିଁ ।

- ଇପ୍‌ସିତ ଶିକ୍ଷଣ ଫଳାଫଳ ଏକ ଫଳପ୍ରଦ ଆକଳନର ସ୍ପଷ୍ଟ ଦୃଷ୍ଟିଭଙ୍ଗୀ, ସମୟ ବ୍ୟବସ୍ଥାକୁ ଶିକ୍ଷାର୍ଥୀଙ୍କ ସଂପୃକ୍ତି ସହାୟକ ଶ୍ରେଣୀ ପରିବେଶ ପ୍ରତିପୁଷ୍ଟତା ପ୍ରଦାନ ବ୍ୟବସ୍ଥା, ଆକଳନ ତଦାରଖ ବ୍ୟବସ୍ଥା ଭଳି ଅନେକ ଦିଗକୁ ଆକଳନ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ ବେଳେ ଆପଣ ବିଚାରକୁ ନେବା ଦରକାର ।

## ୧୪.୫ ନିଜ ଅଗ୍ରଗତିର ଆକଳନ ପାଇଁ ଆଦର୍ଶ ଉତ୍ତର

E.1 B

E.2 ନାହିଁ, ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଅନୁସାରେ ସାରା ଦେଶରେ ପ୍ରାଥମିକ ଶ୍ରେଣୀ ସ୍ତରରେ ଫେଲ କରିବା ବ୍ୟବସ୍ଥା ନଥିବାରୁ ।

E.4 B

E.6 D

## ୧୪.୬ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ


1. Black, P & William, D (1999). Assessment for learning: Beyond the black box. London: Kings College London.
2. Butler, R (1988). Enhancing and undermining intrinsic motivation: effects of task-involving and ego-involving evaluation on interest and performance. British Journal of Educational Psychology, 56 (51–63).
3. Cooper, Damian (2007). Talking about assessment, strategies, and tools to improve learning. Toronto, Ontario: Thomson Nelson.

ଟିପ୍ପଣୀ

4. Earl, Lorna M. (2006). Assessment as learning: Using classroom assessment to maximize student learning. Thousand Oaks, California: Corwin Press.

## ୧୪.୭ ପାଠାନ୍ତ ପ୍ରଶ୍ନାବଳୀ

୧. ଶିକ୍ଷଣ ଆକଳନ ଓ ଶିକ୍ଷଣ ପାଇଁ ଆକଳନରେ ଥିବା ପ୍ରାର୍ଥକ୍ୟ ଦର୍ଶାନ୍ତୁ ?

୨. ଶିକ୍ଷଣ ପାଇଁ ଆକଳନରେ ପ୍ରତିପୁଷ୍ଟିର ଭୂମିକା ବିସ୍ତୃତ୍ୱ ରୂପେ ବର୍ଣ୍ଣନା କର ?